## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୮।୧୧।୨୦୨୨

| ୩, ୯୬, ୮୭୦ ଟଙ୍କା | |
|---|---|
| ସୁନା | ୧୦.୪୦୦ ଗ୍ରାମ |
| ରୁପା | ୫୯ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମହାରାଜା ବାସୁଦେବ ସୁଢ଼ଳ ଦେବଙ୍କ ୧୧୮ତମ ଶ୍ରାଦ୍ଧୋତ୍ସବ, ଭୁବନେଶ୍ୱର ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଏକାମ୍ର ଭାଟିକାର ଉଦ୍‌ଘାଟନ ସମାରୋହ, ୟୁନିଟ୍-୩, ୧୧୧/୫, ଖାରବେଳ ନଗର, ପୂର୍ବାହ୍ନ ୧୦ଟା ୩୦।
- ହେଲ୍ମମେଟ ଅନୁଷ୍ଠାନ ଓ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ମହାତ୍ମା ଗାନ୍ଧୀଙ୍କ ପ୍ରଚାର ପ୍ରସାର ଉଦ୍‌ଯାପନ ଦିବସ, ବୁଦ୍ଧ ମନ୍ଦିର, ଅପରାହ୍ନ ୪ଟା।
- ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ କବି ମୋହନ ମିଶ୍ର ସ୍ମୃତିସଭା, ସମ୍ମିଳନୀ କକ୍ଷ, ସଂସ୍କୃତି ଭବନ, ଅପରାହ୍ନ ୫ଟା ୩୦।
- ଶ୍ରୀ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଶ୍ରୀନୃତ୍ୟୋତ୍ସବ, ଭଞ୍ଜକଳା ମଣ୍ଡପ, ସନ୍ଧ୍ୟା ୬ଟା।
- ରାଜ୍ୟସ୍ତରୀୟ ଜାତୀୟ ସଂହତି ଦିବସ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଜଳବାୟୁ ପରିବର୍ତ୍ତନ ଉପରେ ଶର୍ଟ ଫିଲ୍ମ ପ୍ରଦର୍ଶନ, ହୋଟେଲ ସ୍ୱସ୍ତି ପ୍ରିମିୟମ, ସନ୍ଧ୍ୟା ୬ଟା।
- ଗୁରୁ ଗୋପାଳ ପଣ୍ଡା ଓଡ଼ିଶୀ ଏକାଡେମୀ ପକ୍ଷରୁ ଓଡ଼ିଶୀ ରାଗ ମହୋତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**କଟକ**

- ପୋକ୍ସୋ ଆକ୍ଟର ପ୍ରଭାବୀ କାର୍ଯ୍ୟାନ୍ୱୟନ ଉପରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଓଡ଼ିଶା ଜୁଡିସିଆଲ ଏକାଡେମୀ, ସକାଳ ୯ଟା ୩୦।
- ଅଲ୍ ଇଣ୍ଡିଆ ସେଭ୍ ଏଜୁକେଶନ କମିଟି ପକ୍ଷରୁ ନୂତନ ଶିକ୍ଷା ନୀତି ଉପରେ ଆଲୋଚନା, ପ୍ରୋଜେକ୍ଟ ସ୍ୱରାଜ, ସେକ୍ଟର-୧୦, ସିଡିଏ, ପୂର୍ବାହ୍ନ ୧୦ଟା ୩୦।
- ବ୍ରହ୍ମା କୁମାରିଜ ପକ୍ଷରୁ 'ସଲ୍ୟୁଶନ ବେସ୍‌ଡ ମିଡିଆ ଟୁୱାର୍ଡ୍ସ ପ୍ରସପରସ ଭାରତ' ଶୀର୍ଷକ ଆଲୋଚନାଚକ୍ର, ବ୍ରହ୍ମା କୁମାରିଜ, ଝାଞ୍ଜିରିମଙ୍ଗଳା, ପୂର୍ବାହ୍ନ ୧୦ଟା ୩୦।
- ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଆଇନଜ୍ଞ ଅମିତାଭ ମହାପାତ୍ରଙ୍କ ୧୦୧ତମ ଜୟନ୍ତୀ ସମାରୋହ, ସ୍ୱରାଜ ଆଶ୍ରମ, ପୂର୍ବାହ୍ନ ୧୧ଟା ।
- ଶ୍ରୀଭାରତୀ ସ୍କୁଲର ବାର୍ଷିକ ପୁରସ୍କାର ବିତରଣ ଉତ୍ସବ, ଶହୀଦ ଭବନ, ଅପରାହ୍ନ ୪ଟା ୩୦ ।

**ତିଗିରିଆ**

- ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ୩ ଦଫା ଦାବିରେ ରାଲି, ନିଜିଗଡ଼ଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା ୩୦।

# ନଗଦ ୩୩ ଲକ୍ଷ ଦେଇ କାର୍ କିଣିଥିଲେ ଅର୍ଚ୍ଚନା

### ଜଣେ ରାଜନେତା ଟଙ୍କା ଦେଇଥିବା ଚର୍ଚ୍ଚା

- କାର୍ ଶୋ'ରୁମ୍ ମାଲିକଙ୍କ ପୁଅଙ୍କୁ ପଚରାଉଚରା
- କ୍ରୟ ସଂକ୍ରାନ୍ତ କାଗଜପତ୍ର ନେଲା ଇଡି
- ମିଳୁନି କାର୍‌ର ପତ୍ତା, ବଢ଼ୁଛି ସନ୍ଦେହ



ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ବହୁଚର୍ଚ୍ଚିତ ମହିଳା ବ୍ଲାକ୍‌ମେଲର ଅର୍ଚ୍ଚନା ନାଗଙ୍କ ବିଜ୍‌ନେସ୍ ପାର୍ଟନର ଖଗେଶ୍ୱର ପାତ୍ରଙ୍କୁ ଗତ ୧୧ ତାରିଖରୁ ୧୦ ଦିନିଆ ରିମାଣ୍ଡରେ ଆଣି ମାରାଥନ ଜେରା କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି)କୁ ଇତିମଧ୍ୟରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିବାରେ ଲାଗିଛି। ଖଗେଶ୍ୱରଙ୍କ ରିମାଣ୍ଡ ଅବଧି ଆଉ ୨ଦିନ ବାକି ଥିବାବେଳେ ଇଡି ତାଙ୍କଠାରୁ ଅର୍ଚ୍ଚନାଙ୍କ କଳାସାମ୍ରାଜ୍ୟର ଆର୍ଥିକ କାରବାର ସହ ମାମଲା ସମ୍ପର୍କିତ ବହୁ ଗୁମର ହାସଲ କରିବାକୁ ଉଦ୍ୟମ ଚଳାଇଛି। ଏପରି ସ୍ଥିତିରେ ଏହି ରହସ୍ୟମୟୀଙ୍କ ଦାମୀ ଫୋର୍ଡ ଏନ୍‌ଡିଭର୍ କାର୍‌କୁ ନେଇ ଚାରିଆଡ଼େ ଚର୍ଚ୍ଚା ଲାଗି ରହିଛି। ଉକ୍ତ କାର୍ କିଣିବାକୁ କେହି ରାଜନେତା ଅର୍ଚ୍ଚନାଙ୍କୁ ଟଙ୍କା ଦେଇଥିବା କୁହାଯାଉଛି। ଆଉଏକ ବଡ଼ କଥା ହେଲା ସେହି କାର୍‌ର ମଧ୍ୟ ପତ୍ତା ମିଳୁନାହିଁ। ଏହା ପଛରେ କିଛି ବଡ଼ ରହସ୍ୟ ଲୁଚି ରହିଥିବା ସନ୍ଦେହ କରି ଇଡି କାର୍ ସଂକ୍ରାନ୍ତରେ ଅଧିକ ଖୋଳତାଡ଼ କରୁଛି। ଅର୍ଚ୍ଚନା ଉକ୍ତ କାର୍‌କୁ ମଞ୍ଚେଶ୍ୱରସ୍ଥିତ କ୍ୟାପିଟାଲ ଫୋର୍ଡ ଶୋ'ରୁମ୍‌ରୁ କିଣିଥିବାରୁ ଇଡି ଅଧିକାରୀମାନେ ଶୁକ୍ରବାର ପୂର୍ବାହ୍ନରେ ପ୍ରାୟ ୧ ଘଣ୍ଟା ଧରି ଶୋ'ରୁମ୍ ମାଲିକଙ୍କ ପୁଅଙ୍କୁ ପଚରାଉଚରା କରିଛନ୍ତି। ଏଥିସହ କାର୍ କ୍ରୟ ସମ୍ବନ୍ଧିତ ସମସ୍ତ କାଗଜପତ୍ର ଇଡି ତାଙ୍କଠାରୁ ପାଇଛି। କାର୍‌ଟିକୁ ୨୦୨୦ରେ ଅର୍ଚ୍ଚନା ନଗଦ ୩୩ ଲକ୍ଷ ଟଙ୍କା ଦେଇ କିଣିଥିବା ସୂଚନା ମିଳିଛି। ତେବେ ଅର୍ଚ୍ଚନା କେଉଁଠୁ ଏତେ ଟଙ୍କା ଆଣିଲେ ତାହା ଜାଣିବାକୁ ଉତ୍କଣ୍ଠା ଲାଗି ରହିଥିବାବେଳେ ଏଥିରେ କେହି ରାଜନେତାଙ୍କ ଲିଙ୍କ୍ ଥିବା କୁହାଯାଉଥିବାରୁ ମାମଲା ଅଧିକ ରୋଚକ ହୋଇଛି। ସମ୍ପୃକ୍ତ ରାଜନେତା କିମ୍ବା ତାଙ୍କ ଇଙ୍ଗିତରେ ଅନ୍ୟକେହି କାର୍‌ଟିକୁ ଲୁଚାଇ ରଖିଥିବା ଇଡି ସନ୍ଦେହ କରି ତଦନ୍ତକୁ ଆଗକୁ ବଢ଼ାଇଛି। ଉକ୍ତ କାର୍ ଠାବ ହେଲେ ରାଜନେତାଙ୍କ ଗୁମର ପଦାକୁ ଆସିବ ବୋଲି ଇଡି ଆଶା ରଖିଛି। ସେପଟେ ଖଗେଶ୍ୱରଙ୍କ ରିମାଣ୍ଡ ଅବଧି ସରିବା ପରେ ଇଡି ଅର୍ଚ୍ଚନା ଓ ତାଙ୍କ ସ୍ୱାମୀ ଜଗବନ୍ଧୁ ଚାନ୍ଦଙ୍କୁ ଜେଲରେ ଜେରା କରିବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ, ଇଡି ଏହି ମାମଲାରେ ତଦନ୍ତ ଆରମ୍ଭ କରିବା ପରେ ଘଟଣା ଭିନ୍ନ ମୋଡ଼ ନେଇଛି। ଅର୍ଚ୍ଚନାଙ୍କ ବାପା ସୁରେନ୍ଦ୍ର ନାଗଙ୍କୁ ଗତ ୧୩ ତାରିଖରେ ଇଡ଼ି ଭୁବନେଶ୍ୱର କାର୍ଯ୍ୟାଳୟରେ ଜେରା କରି ବହୁ ତଥ୍ୟ ହାସଲ କରିଛି।

### ଅର୍ଚ୍ଚନାଙ୍କ ଜାମିନ ଆବେଦନର ପରବର୍ତ୍ତୀ ଶୁଣାଣି ୧୫ରେ

ଓଡ଼ିଆ ଚଳଚ୍ଚିତ୍ର ପ୍ରଯୋଜକ ଅକ୍ଷୟ ପରିଜାଙ୍କୁ ବ୍ଲାକ୍‌ମେଲ ମାମଲାରେ ଗିରଫ ହୋଇ ଜେଲ୍‌ରେ ଥିବା ଅର୍ଚ୍ଚନା ନାଗଙ୍କୁ ଜାମିନ ମିଳୁନି। ଇତିମଧ୍ୟରେ ୩ଥର ଜାମିନ ଆବେଦନର ଶୁଣାଣି ହୋଇଥିଲେ ମଧ୍ୟ ରାୟ ପ୍ରକାଶ ପାଇନାହିଁ। ଶୁକ୍ରବାର ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟ ପୁଣିଥରେ ମାମଲାର ଶୁଣାଣିକୁ ଘୁଞ୍ଚାଇ ଦେଇଛନ୍ତି। ଆସନ୍ତା ଡିସେମ୍ବର ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ ବୋଲି ଅର୍ଚ୍ଚନାଙ୍କ ଓକିଲ ଦେବାଶିଷ ମହାପାତ୍ର ସୂଚନା ଦେଇଛନ୍ତି। ଉକ୍ତ ଦିନ ୪ର୍ଥଥର ପାଇଁ ମାମଲାର ଶୁଣାଣି ହେବ। ସୂଚନାଯୋଗ୍ୟ, ପୂର୍ବରୁ କୋର୍ଟ ଅର୍ଚ୍ଚନାଙ୍କ ଜାମିନ ଆବେଦନକୁ ଥରେ ଖାରଜ କରିଦେବା ସହ ରାୟ ସଂରକ୍ଷିତ ରଖିଥିଲେ। ପରେ ପୁଣି ଜାମିନ ଆବେଦନ କରିଥିଲେ ଅର୍ଚ୍ଚନା।

# ନୂଆ ରୂପ ନେବ ସାକ୍ଷୀଗୋପାଳ ମନ୍ଦିର

- ବ୍ଲକ ପ୍ରଶାସନର ସ୍ଥିତି ଅନୁଧ୍ୟାନ
- ଯାତ୍ରୀଙ୍କୁ ମିଳିବ ମୌଳିକ ସୁବିଧା



ସାକ୍ଷୀଗୋପାଳ, ୧୮।୧୧( ଡି.ଏନ୍.ଏ./ସ୍ୱ.ପ୍ର.) ପୁରୀ ଜିଲା ସତ୍ୟବାଦୀ ଅଞ୍ଚଳରେ ଥିବା ସାକ୍ଷୀଗୋପାଳ ମନ୍ଦିର ଖୁବ୍‌ଶୀଘ୍ର ନୂଆ ରୂପ ନେବାକୁ ଯାଉଛି। ମନ୍ଦିର ଭିତରବେଢ଼ା ଓ ବେଢ଼ା ବାହାରେ ବିଭିନ୍ନ ଉନ୍ନୟନ କାର୍ଯ୍ୟ କରାଯିବା ସହ ଯାତ୍ରୀଙ୍କୁ ମୌଳିକ ସୁବିଧା ଯୋଗାଇ ଦିଆଯିବ। ଏନେଇ ଶୁକ୍ରବାର ସ୍ଥାନୀୟ ପ୍ରଶାସନ ମନ୍ଦିର ପରିଦର୍ଶନ କରିଥିଲେ। ମନ୍ଦିର ସେବାୟତ ସଂଘ ପକ୍ଷରୁ ସମସ୍ୟାଗୁଡ଼ିକ ସମ୍ପର୍କରେ ଉଚ୍ଚ ଅଧିକାରୀ ଓ ରାଜନେତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସମାଧାନ ପାଇଁ ଦାବି କରାଯାଇଥିଲା। ଏଥିପାଇଁ ଭିତ୍ତିଭୂମି ଅନୁଧ୍ୟାନ କରାଯାଇ ସେବାୟତଙ୍କ ସହ ଆଲୋଚନା କରାଯାଇଥିଲା। ମୁଖ୍ୟତ କୋଠଭୋଗ ରୋଷଶାଳା ମରାମତି, ପାନୀୟ ଜଳ, ମନ୍ଦିର ଆଲୋକ, ପାଦ ପ୍ରକ୍ଷାଳନ ପ୍ରକଳ୍ପର ମରାମତି ଓ ସମ୍ପ୍ରସାରଣ, ଶୌଚାଳୟ, ଡ୍ରେନେଜ ବ୍ୟବସ୍ଥା ଓ ମନ୍ଦିର ବାହାରେ ଅସ୍ଥାୟୀ ଫୁଲକୁଣ୍ଡରେ ବେଢ଼ା ସାଜସଜା, ବେଢ଼ା ବାହାରେ ଫୁଲ ଓ ତୁଳସୀ ବଗିଚା ସହିତ ଭକ୍ତଙ୍କ ବିଶ୍ରାମ ପାଇଁ ପିଣ୍ଡି ଓ ପାଚେରିରେ ଠାକୁରଙ୍କ ଲୀଳାଚିତ୍ରା ପ୍ରଦର୍ଶନ ନିମନ୍ତେ ପ୍ରସ୍ତାବ ରହିଛି। ନିକଟସ୍ଥ ଶ୍ରୀରାମ ମନ୍ଦିର ପାର୍ଶ୍ୱରେ ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବା କୋଠା ଉଚ୍ଛେଦ କରାଯାଇ ସେଠାରେ ଠାକୁରଙ୍କ ରୋଷଶାଳା ଓ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ ସୁବିଧା କରାଯିବ। ସ୍ୱଚ୍ଛ ପରିମଳ ଏବଂ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ଦିଗରେ ଅଧିକ ଯତ୍ନ ନିଆଯିବ ବୋଲି ଅଧିକାରୀମାନେ କହିଛନ୍ତି। ଖାଲି ସ୍ଥାନରେ ଫେବର ବ୍ଲକ ପକାଯିବ। ବ୍ୟୟ ଅଟକଳ, ଅନୁଦାନ ମଞ୍ଜୁର ପରେ ଉନ୍ନୟନ କରାଯିବା ନେଇ ସତ୍ୟବାଦୀ ବ୍ଲକ ଅଧ୍ୟକ୍ଷ ସୁନୀଲ ପଣ୍ଡା ସୂଚନା ଦେଇଥିଲେ। ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟସିଂ, ବିଡିଓ ଲୋଚନ ଦାସ, ସହକାରୀ ଯନ୍ତ୍ରୀ ବିଶ୍ୱ ମୋହନ ପଟ୍ଟନାୟକ, ସେବାୟତ ସଂଘ ସମ୍ପାଦକ ବିଜୟ ନନ୍ଦ ଓ କର୍ମକର୍ତ୍ତା, କନିଷ୍ଠ ଯନ୍ତ୍ରୀ ଅନୁରିକ୍ତା ଦାସ ପ୍ରମୁଖ ଭିତ୍ତିଭୂମି ଅନୁଧ୍ୟାନ କରିଥିଲେ। ଐତିହ୍ୟ ବିକାଶ ପ୍ରକଳ୍ପ ବ୍ୟତୀତ ଏହି ଉନ୍ନୟନ କାମ ଖୁବଶୀଘ୍ର କରାଯିବା ନେଇ ଆଶା କରାଯାଇଛି।

## ୨୮ରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାରେ ବସିବେ ଗ୍ରାମରକ୍ଷୀ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ) ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘର ଏକ ଜରୁରୀ ବୈଠକ ଶୁକ୍ରବାର ଗାନ୍ଧୀମାର୍ଗସ୍ଥିତ ଧାରଣାସ୍ଥଳରେ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତ ଅଧ୍ୟକ୍ଷତା କରିବା ସହ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଆଲୋଚନା କରିଥିଲେ। ସଂଘର ରାଜ୍ୟ ସଭାପତି କନିଷ୍କ ବୋଧିସତ୍ୱ ୫ଦଫା ଦାବି ଉପରେ ଆଲୋକପାତ କରିଥିଲେ। ଗ୍ରାମରକ୍ଷୀଙ୍କ ଦରମା ବୃଦ୍ଧି, ପେନ୍‌ସନ୍ ଓ ମୃତ ଗ୍ରାମରକ୍ଷୀଙ୍କ ପରିବାରକୁ ସରକାରୀ ଅନୁକମ୍ପା ରାଶି ପ୍ରଦାନ ଆଦି ବିଭିନ୍ନ ଦାବି ସମ୍ପର୍କରେ ବାରମ୍ବାର ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି। ଆଗାମୀ ବିଧାନସଭା ଅଧିବେଶନ ପୂର୍ବରୁ ଦାବିଗୁଡ଼ିକ ଉପରେ ବିଚାର କରାଯାଇ କୌଣସି ସମାଧାନର ବାଟ ବାହାର କରା ନ ଗଲେ ସଂଘ ଆନ୍ଦୋଳନାତ୍ମକ ପଦକ୍ଷେପ ନେବ। ଏଥିସହ ୨୮ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ ବୋଲି ସୂଚନା ଦିଆଯାଇଛି। ସଂଘର କୋଷାଧ୍ୟକ୍ଷ ଆୟୁବ୍ ଖାଁ ଧନ୍ୟବାଦ ଅର୍ପଣ କରିଥିଲେ।

# ନୂଆବର୍ଷ ଅଧରାତିରେ ଶ୍ରୀମନ୍ଦିର ଦ୍ୱାରଫିଟା ନୀତିକୁ ବିରୋଧ

### ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସୂଚନାଧିକାର କର୍ମୀ



ପୁରୀ ଅଫିସ,୧୮।୧୧ ଇଂଲିଶ୍ ନବବର୍ଷରେ ଶ୍ରୀମନ୍ଦିରର ରୀତିନୀତିକୁ ଉପେକ୍ଷା କରି ଅର୍ଦ୍ଧରାତ୍ରରେ ଦ୍ୱାରଫିଟା ନୀତିକୁ ବିରୋଧ କରିଛନ୍ତି ସୂଚନାଧିକାର କର୍ମୀ ଜୟନ୍ତ ଦାଶ। ଏ ନେଇ ସେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ପ୍ରଦାନ କରିଛନ୍ତି। ଚିଠିରେ ଉଲ୍ଲେଖ କରିଛନ୍ତି, ସେ ଜଣେ ହିନ୍ଦୁ, ସନାତନ ଧର୍ମ ପାଇଁ ଗର୍ବିତ। ଦୀର୍ଘ ୨୦ ବର୍ଷ ଧରି ପ୍ରଶାସନ ଇଂଲିଶ୍ ନୂଆବର୍ଷ ଦିନ ଶ୍ରୀମନ୍ଦିରରେ ସଅଳ ଦ୍ୱାରଫିଟା ନୀତି କରୁଛନ୍ତି। ଯାହାକୁ ଓଡ଼ିଶା ପ୍ରଶାସନ ତଥା ସେବାୟତ ଅନ୍ୟ ଧର୍ମର ନୀତିକୁ ଅନୁସରଣ କରୁଛନ୍ତି। ତେଣୁ ରାତି ୧୨ଟା ୩୦ରେ ମହାପ୍ରଭୁଙ୍କ ଦ୍ୱାରଫିଟା ନୀତି ଅନୁଷ୍ଠିତ ହେଉଛି। ମହାପ୍ରଭୁଙ୍କୁ ଜୋର ଜବରଦସ୍ତ ଉଠାଯାଉଛି। ଯାହା ସନାତନ ହିନ୍ଦୁ ସଂସ୍କୃତିରେ ନାହିଁ ଓ ଏହା ହିନ୍ଦୁ ବିରୋଧୀ ଅଟେ। ଏହା ଶ୍ରୀଜଗନ୍ନାଥ ମନ୍ଦିର ରୀତିନୀତିର ଉଲ୍ଲଂଘନ ଅଟେ। ଶ୍ରୀମନ୍ଦିର ସତ୍ତ୍ୱଲିପିରେ ମଧ୍ୟ ଇଂଲିଶ୍ ନବବର୍ଷରେ ସଅଳ ଦ୍ୱାରଫିଟା ନୀତି ଉଲ୍ଲେଖ ନ ଥିବା ସେ ଦର୍ଶାଇଛନ୍ତି। ଅନ୍ୟ ଧର୍ମ ଅନୁସରଣକାରୀ ଇସ୍କନମାନଙ୍କୁ ଶ୍ରୀମନ୍ଦିରରେ ପ୍ରବେଶ ପାଇଁ ଅନୁମତି ଦିଆଯାଇ ନ ଥାଏ। ତେବେ ଜାନୁୟାରୀ ୧ ତାରିଖରେ କାହିଁକି ରାତି ଅଧରେ ମନ୍ଦିରର ଦ୍ୱାର ଖୋଲାଯାଉଛି। ଯାହା ମହାପ୍ରଭୁଙ୍କ ଧାର୍ମିକ ଭାବନାକୁ କୁଠାରାଘାତ କରୁଛି। ଶ୍ରୀମନ୍ଦିର ପ୍ରଶାସନର ଏପରି କାର୍ଯ୍ୟ ଶ୍ରୀଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମ ସମ୍ପର୍କରେ ସମଗ୍ର ବିଶ୍ୱକୁ ଭୁଲ୍ ବାର୍ତ୍ତା ଯାଉଛି। ତେଣୁ ଚଳିତ ଇଂଲିଶ୍ ନବବର୍ଷରେ କୌଣସି ହିନ୍ଦୁ ରୀତିନୀତି କାର୍ଯ୍ୟ ନାହିଁ। ତେଣୁ ରୀତିନୀତି ଅନୁଯାୟୀ ଉକ୍ତ ଦିନ ଠିକ୍ ସମୟରେ ଦ୍ୱାରଫିଟା କରାଯାଉ। ଯଦି ରୀତିନୀତକୁ ଉପେକ୍ଷା କରାଯାଇ ନବବର୍ଷକୁ ପ୍ରାଧାନ୍ୟ ଦେଇ ମହାପ୍ରଭୁଙ୍କ ଦ୍ୱାର ନିର୍ଦ୍ଧାରିତ ସମୟଠାରୁ ସଅଳ ଖୋଲାଯାଏ ଏବଂ ହିନ୍ଦୁମାନଙ୍କ ଧାର୍ମିକ ଭାବାବେଗକୁ ଅପମାନିତ କରାଯାଉଛି, ତେବେ ଏ ବିରୋଧରେ ଥାନାରେ ମାମଲା ରୁଜୁ କରିବେ ବୋଲି ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଲକ୍ଷ୍ମୀଧର



@ ପ୍ରମୋଦ



@ ଜିତେନ୍ଦ୍ର



@ ସୁଦାମ



@ ଟୁଲୁ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କପିଳନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା କାମ ଆରମ୍ଭ ଦାବି

ପୁରୁଣାଭୁବନେଶ୍ୱର, ୧୮।୧୧(ଡି.ଏନ୍.ଏ.) ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ଗଙ୍ଗୁଆ ବ୍ରିଜଠାରୁ କପିଳନାଥ ମନ୍ଦିର ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାମ ତୁରନ୍ତ ଆରମ୍ଭ କରାଯିବାକୁ ଏକାମ୍ର ଜନଜାଗରଣ ମଞ୍ଚ ଦାବି କରିଛି। ଏନେଇ ଶୁକ୍ରବାର ଏକ ଦାବିପତ୍ର ମଞ୍ଚ ଅଧ୍ୟକ୍ଷ ଭୀଷ୍ମ ନାରାୟଣ ନାୟକଙ୍କ ସମେତ ଅନ୍ୟ ସଭ୍ୟାସଭ୍ୟ ଭୁବନେଶ୍ୱର ଉପଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ଶ୍ରୀଲିଙ୍ଗରାଜଙ୍କ ଦର୍ଶନ ପରେ କପିଳନାଥ ଜୀଉଙ୍କୁ ଦର୍ଶନ ପାଇଁ ପର୍ଯ୍ୟଟକ ଇଚ୍ଛା ପ୍ରକାଶ କରୁଥିଲେ ମଧ୍ୟ ଗମନାଗମନାର ସମସ୍ୟା ଯୋଗୁ ଦର୍ଶନରୁ ବଞ୍ଚିତ ହୋଇଥାନ୍ତି। କପିଳନାଥ ମନ୍ଦିରକୁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ନେଇ ଦାବି ହୋଇଆସୁଥିଲା। ପରବର୍ତ୍ତୀ ସମୟରେ ଗଙ୍ଗୁଆ ବ୍ରିଜଠାରୁ ରାସ୍ତା ନିର୍ମାଣ କାର୍ଯ୍ୟ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାର ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରାଯାଇଥିଲେ ମଧ୍ୟ ରାସ୍ତା କାମ ଆରମ୍ଭ ହୋଇପାରି ନାହିଁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି।



ଐତିହାସିକ କଟକ ବାଲିଯାତ୍ରା ଗୁରୁବାର ଶେଷ ହୋଇଛି। କମ୍ ଦାମ୍‌ରେ କିଣାକିଣି କରିବା ଆଶାରେ ଶୁକ୍ରବାର ମଧ୍ୟ ଲୋକଙ୍କ ଭିଡ଼ ଜମିଥିବା ଦେଖିବାକୁ ମିଳିଥିଲା। ବ୍ୟବସାୟୀମାନେ ବି ଭଲ ବେପାର କରିଥିଲେ।




ବିଶ୍ୱ ପାଇଖାନା ଦିବସ ଉପଲକ୍ଷେ ଶୁକ୍ରବାର ପୁରୀ ବେଳାଭୂମିରେ ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବାଲୁକା କଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।



ଅବସରପ୍ରାପ୍ତ ଆଇଏଏସ୍ ଅଫିସର ସ୍ୱର୍ଗତ ସର୍ବେଶ୍ୱର ମହାନ୍ତିଙ୍କ ସ୍ମରଣିକା ତଥା ଜାତୀୟ କବି ବାଞ୍ଛାନିଧି ମହାନ୍ତି ସ୍ମୃତି ସଂସଦ ପକ୍ଷରୁ ପ୍ରକାଶିତ 'ଅମୃତ ପଥର ପାନ୍ଥ: ସର୍ବେଶ୍ୱର'କୁ ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଉନ୍ମୋଚନ କରୁଛନ୍ତି। ସ୍ମରଣିକା ସମ୍ପାଦକ ତଥା ସର୍ବେଶ୍ୱରଙ୍କ ସାନଭାଇ ବୀରେଶ୍ୱର ମହାନ୍ତି, ପୁଅ ଡ. ସବ୍ୟସାଚୀ ମହାନ୍ତି ଓ ଶୁଭେଚ୍ଛୁ ଅକ୍ଷୟ କୁମାର ବେହେରା ଉପସ୍ଥିତ ଅଛନ୍ତି।

## ସଂକ୍ଷେପରେ

### ମାଡ଼ମାରି ମୋବାଇଲ୍ ଲୁଟ୍, ୪ କିନ୍ନର ଗିରଫ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ) - ରାଜଧାନୀରେ ଦିନକୁ ଦିନ କିନ୍ନରଙ୍କ ଉତ୍ପାତ ବଢ଼ିବାରେ ଲାଗିଛି। କାହାକୁ ରାତିଅଧରେ ଅଟକାଇ ମାରଧର ତ ପୁଣି କେଉଁଠି ଜୋରଜବରଦସ୍ତ ଟଙ୍କା ମାଗି ହଇରାଣ କରୁଛନ୍ତି। ଏଭଳି ଜଣେ ଯୁବକଙ୍କୁ ମାଡ଼ମାରି ତାଙ୍କଠାରୁ ମୋବାଇଲ୍ ଫୋନ୍ ଛଡ଼ାଇନେବା ଅଭିଯୋଗରେ ବଡଗଡ ଥାନା ପୋଲିସ ୪ଜଣ କିନ୍ନରଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବଡଗଡ ଥାନା ଅଞ୍ଚଳରେ ରହୁଥିବା ପୁରୀ ଜିଲାର ଅରିତ୍ରୁ କିନ୍ନର, ଭରତପୁର ଥାନା ଅଞ୍ଚଳର ଖୁସୀ କିନ୍ନର, କଟକର ସୋନି କିନ୍ନର ଓ ସନ୍ଧ୍ୟାରାଣୀ କିନ୍ନର। ସେମାନଙ୍କଠାରୁ ମୋବାଇଲ ମଧ ଜବତ କରାଯାଇଛି। ସୂଚନାନୁସାରେ, ପାର୍ଥ ମହାନ୍ତି ନାମକ ଜଣେ ଯୁବକ ସାଇମନ୍ଦିର ଛକରୁ ରବିଟକିଜ ଆଡକୁ ଯିବା ସମୟରେ ଜଣେ କିନ୍ନର ତାଙ୍କୁ ଅଟକାଇଥିଲେ। ଏନେଇ ସେ ଅଟକାଇବାର କାରଣ ପଚାରିବାରୁ କିନ୍ନରଜଣକ ତାଙ୍କୁ ଆକ୍ରମଣ କରିଥିଲେ। ଏହାପରେ ଆଉ ୩ଜଣ କିନ୍ନର ସେଠାରେ ପହଞ୍ଚି ଯୁବକଙ୍କ ମୋବାଇଲଟିକୁ ବଳପୂର୍ବକ ଛଡାଇ ନେଇଥିଲେ।

### ମଦ ଜବତ, ୪ ଗିରଫ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ନିଶା କାରବାର ରୋକ ଲଗାଇବା ଲାଗି କମିଶନରେଟ ପୋଲିସ ଅଭିଯାନ ଜାରି ରଖିଛି। ଏହି କ୍ରମରେ ପୋଲିସ ଚନ୍ଦକା, ମଞ୍ଚେଶ୍ୱର ଓ ଭରତପୁର ଥାନା ଅଞ୍ଚଳରେ ଚଢାଉ କରି ୪ଜଣ ବେଆଇନ ନିଶା ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଚନ୍ଦକା ଥାନା ମହୁଲ ଗାଁର ବେଣୁଧର ମହାରଣା, ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ପଦ୍ମକେଶରିପୁରର ବିଜୁ ଦାସ ଏବଂ ଭରତପୁର ଥାନା ଅଞ୍ଚଳର ଅଶୋକ ନାୟକ ଓ ରମେଶ ଚନ୍ଦ୍ର ନାୟକ। ସେମାନଙ୍କଠାରୁ ମୋଟ ୪୪ଲିଟର ଦେଶୀମଦ ଓ ୧୨ଲିଟର ବିଦେଶୀ ମଦ ଜବତ କରାଯାଇଛି। ସମସ୍ତ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ସାହିତ୍ୟର ସଂକଟକୁ କବିତା ଉଦ୍ଧାର କରିପାରିବ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ସାହିତ୍ୟର ସଙ୍କଟ କାଳରେ କବିତା ଉଦ୍ଧାର କରିପାରିବ। କବିତାରେ ବ୍ୟବହୃତ ଶବ୍ଦ ଗୁଡିକର ଅନ୍ତର୍ଛନ୍ଦ ହିଁ କବିତାକୁ ହୃଦୟ ଓ ମନରେ ସ୍ଥାନିତ କରିପାରେ। କବିତା ମହାକୁମ୍ଭର ପ୍ରସ୍ତାବ ରଖି ଓଡ଼ିଆ କବିତାକୁ ସାମୂହିକ ଭାବେ ଆଗେଇ ନେବାର ବେଳ ଆସିଛି। ନବଗଠିତ ଓଡ଼ିଆ ଭାଷା ସଂସ୍କୃତି ସମାବେଶ ପକ୍ଷରୁ ଶୁକ୍ରବାର କବିତା ପାଠୋତ୍ସବ ଶିଶିର ଆସର ଓ ସଂସ୍କୃତି ଚର୍ଚ୍ଚା ଅଧିବେଶନରେ ମୁଖ୍ୟ ଅତିଥି ଭାବେ କବି ହରପ୍ରସାଦ ଦାସ ଓ ମୁଖ୍ୟବକ୍ତା ଲେଖକ ଦାଶ ବେନହୁର ଯୋଗଦେଇ ଏହି ମତ ଦେଇଛନ୍ତି। ପ୍ରଥମ ଅଧିବେଶନ କବିତା ପାଠୋତ୍ସବରେ ବିଜୟାଲକ୍ଷ୍ମୀ ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ କବି ଲୋପାମୁଦ୍ରା ମହାନ୍ତି ଓ ସରୋଜିନୀ ପାଣି ସଂଯୋଜନା କରିଥିଲେ। ସମାବେଶରେ ପ୍ରାୟ ୫୦ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଡ.ତନ୍ମୟ ପଣ୍ଡା ସମାବେଶର ଆଭିମୁଖ୍ୟ କହିବା ସହ ଆଦ୍ୟ ଅଭିଭାଷଣ ପ୍ରଦାନ କରିଥିଲେ। ଡ. ସୁନନ୍ଦା ମିଶ୍ର ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

ପୁରୀ ଅଫିସ, ୧୮।୧୧: ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ପୀଡ଼ିତାଙ୍କ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ଜନମଙ୍ଗଳ ସମିତି ଲେନରେ ରହୁଥିବା ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଅଧୀନ ନରସିଂହପୁର ଗ୍ରାମର ରବିନ ସିଂ (୪୦)। ପୋଲିସ ଏ ନେଇ ଏକ କେସ୍ (ନଂ. ୧୫୪/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ପୀଡ଼ିତା ଯଶୋଦା ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କର ୧୭ବର୍ଷ ହେବ ରବିନଙ୍କ ସହିତ ବାହାଘର ହୋଇଥିବାବେଳେ ୨ଟି ସନ୍ତାନ ଅଛନ୍ତି। ତେବେ ତାଙ୍କ ସ୍ୱାମୀ ଅଧିକାଂଶ ସମୟରେ ମଦ୍ୟପାନ କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରୁଛନ୍ତି। ବୁଧବାର ତାଙ୍କ ସ୍ୱାମୀ ମଦ୍ୟପାନ କରି ଘରକୁ ଆସିବା ସହ ତାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ସେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ନିସ୍ଠୁର ମାଡ଼ ମାରିଥିଲେ। ଥାନାରେ ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ରବିନଙ୍କୁ ଗିରଫ କରିଥିଲା।

# ପୋଲିସ-ସାଲିଆସାହି ବାସିନ୍ଦା ମୁହାଁମୁହିଁ, ଉତ୍ତେଜନା

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ରାସ୍ତା ସମ୍ପ୍ରସାରଣ ପାଇଁ ବସ୍ତି ଉଚ୍ଛେଦକୁ ବିରୋଧ କରି ସାଲିଆସାହିରେ ଶୁକ୍ରବାରଠାରୁ ଉତ୍ତେଜନା ଲାଗି ରହିଛି। ସକାଳେ ବିଡିଏ ଓ ବିଏମ୍‌ସିର ମିଳିତ ଟିମ୍ ୧୧ ପ୍ଲାଟୁନ ପୋଲିସ ଫୋର୍ସ ଓ ଜେସିବି ସହ ଘଟଣାସ୍ଥଳରେ ପହଞ୍ଚିଥିଲା। ଏହା ଜାଣିବା ପରେ ବସ୍ତିର ହଜାର ହଜାର ପୁରୁଷ, ମହିଳା ଓ ପିଲା ବିରୋଧ ଆରମ୍ଭ କରିଥିଲେ। ଉଚ୍ଛେଦ ବଦଳରେ ସ୍ଥାୟୀ ପଟ୍ଟା ଦିଆଯାଉ ବୋଲି ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାସ୍ତାରେ ଶୋଇ ବାଟ ଓଗାଳିବା ସହ ସ୍କ୍ୱାଡ୍ ଓ ପୋଲିସ ଗାଡ଼ିକୁ ଛାଡ଼ି ନ ଥିଲେ। କେତେଜଣଙ୍କ ହାତରେ ଠେଙ୍ଗା, ବାଡ଼ି ମଧ ଦେଖିବାକୁ ମିଳିଥିଲା। ଫଳରେ ଦୀର୍ଘ ସମୟ ଧରି ପୋଲିସ ଓ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଲାଗି ରହିବାରୁ ଉଚ୍ଛେଦ କାର୍ଯ୍ୟ ସେପରି ଆଗେଇପାରି ନ ଥିଲା। ବରିଷ୍ଠ ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ବସ୍ତି ବାସିନ୍ଦାଙ୍କୁ ବୁଝାଶୁଝା କରିଥିଲେ ମଧ କିଛି ସୁଫଳ ମିଳି ନ ଥିଲା। ଶେଷରେ ମିଳିତ ଟିମ୍ କେବଳ ରାସ୍ତାପାର୍ଶ୍ୱର ଜଙ୍ଗଲିଆ ସ୍ଥାନକୁ ସଫା କରି ଫେରିଥିଲେ। ସାଲିଆସାହି ଦେଇ ରାସ୍ତା ନେବାକୁ ପ୍ରଶାସନ ଜିଦ୍‌ରେ ଥିବାବେଳେ ବସ୍ତିବାସିନ୍ଦା ନିଜ ଦାବିକୁ ନେଇ ଅଟଳ। ଶନିବାର ପୁଣି ଉଚ୍ଛେଦ ଉଦ୍ୟମ ହେଲେ ତୀବ୍ର ବିରୋଧ କରାଯିବା ସହ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ବୋଲି ସାଲିଆସାହି ଆଞ୍ଚଳିକ କମିଟି ଚେତାବନୀ ଦେଇଛି।

ସିଆରପି ଛକରୁ ସାଲିଆସାହି ଦେଇ ଇନ୍‌ଫୋସିସ୍ ପର୍ଯ୍ୟନ୍ତ ୨୦୦ ଫୁଟିଆ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ୨୦୦୬ ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନର ପ୍ରତିବାଦ ଓ ସାଲିଆସାହି ଦେଇ ରାସ୍ତା ଯିବାକୁ ବିରୋଧ କରୁଛନ୍ତି ଦୀର୍ଘବର୍ଷ ଧରି ରହୁଥିବା ସ୍ଥାନୀୟ ବାସିନ୍ଦା। ଜୟଦେବ ବିହାର ମୌଜା ଖାତା ନଂ. ୧୪୨୭ର ଜଙ୍ଗଲ କିସମ ଜମିରେ ଜଙ୍ଗଲ ଅଧିକାର କାର୍ଯ୍ୟକାରୀ କରିବା, ଜାଗା ମିଶନ ମାଧ୍ୟମରେ ୨୦ରୁ ୩୦ ଫୁଟର ଜମିପଟ୍ଟା ଦେବାକୁ ଦାବିକରି ସେମାନେ ବାରମ୍ବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏଥିସହ ଏନେଇ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ସମେତ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଦାବିପତ୍ର ପ୍ରଦାନ କରାଯାଇଛି। ବିଏମ୍‌ସି କର୍ତ୍ତୃପକ୍ଷ ତାହାକୁ ଅଣଦେଖା କରି ବସ୍ତିରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି କରୁଛନ୍ତି ବୋଲି କମିଟି ସଦସ୍ୟ ସାଲ ମାରାଣ୍ଡି କହିଛନ୍ତି।


ସାଲିଆସାହିରେ ଉଚ୍ଛେଦ ପାଇଁ ଯାଇଥିବା ଟିମ୍‌କୁ ମହିଳାମାନେ ବିରୋଧ କରୁଛନ୍ତି ।

**ରାସ୍ତା ସମ୍ପ୍ରସାରଣ ପାଇଁ ବସ୍ତି ଉଚ୍ଛେଦକୁ ବିରୋଧ**

- ବିଏମ୍‌ସି ଉତ୍ତେଜନା ସୃଷ୍ଟି କରୁଛି : ସାଲିଆସାହି ଆଞ୍ଚଳିକ କମିଟି
- ଏକାମ୍ରକାନନ ଦେଇ ରାସ୍ତା ଯାଉ, ଅନ୍ୟ ଦାବି ପୂରଣ ହେଉ

### ୨୨ରେ ମହାସମାବେଶ

ସାଲିଆସାହି ବସ୍ତି ଭିତରେ ଅଙ୍କାବଙ୍କା ରାସ୍ତା ନିର୍ମାଣକୁ ବନ୍ଦ କରି ମହିଳା ପଲିଟେକ୍‌ନିକ୍ ଛକଠାରୁ ଏକାମ୍ରକାନନ ଭିତର ଦେଇ ସିଆର୍‌ପି ଛକକୁ ନୂତନ ରାସ୍ତା ସଂଯୋଗ କରିବାକୁ ଦାବି କରିଛି ସାଲିଆସାହି ଆଞ୍ଚଳିକ କମିଟି। ଏଥିସହ କମିଟି ପକ୍ଷରୁ ଏହାର ଲାଇଭ୍ ଲୋକେଶନ ଉପରେ ମ୍ୟାପ୍ କରି ଉପଯୁକ୍ତ ସୁଗମ ରାସ୍ତା ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ଏହାକୁ ଗ୍ରହଣ କରା ନ ଯାଇ ନିଜ ଜିଦ୍‌ରେ ହଜାର ହଜାର ବସ୍ତି ବାସିନ୍ଦାଙ୍କ ଜୀବନ ସହ ଖେଳ ଖେଳାଯାଉଛି। ବସ୍ତି ବାସିନ୍ଦାଙ୍କ ଦାବି ହାସଲ ପାଇଁ ଆସନ୍ତା ୨୨ ତାରିଖରେ ସାଲିଆସାହିରେ ମହାସମାବେଶ କରାଯିବା ସହିତ ଆଗାମୀ ବିଧାନସଭା ଅଧିବେଶନ ସମୟରେ ବିଧାନସଭା ଅଭିଯାନ କରାଯିବ ବୋଲି ଆଞ୍ଚଳିକ କମିଟି ତରଫରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ଗତମାସରେ କମିଟି ପକ୍ଷରୁ ଖବରଦାତା ସମ୍ମିଳନୀରେ ଏନେଇ ଅଭିଯୋଗ ଓ ଦାବି ରଖାଯିବା ସହ ଆନ୍ଦୋଳନ ଚେତାବନୀ ଦିଆଯାଇଥିଲା।


ଉତ୍ୟକ୍ତ ବସ୍ତିବାସିନ୍ଦାଙ୍କୁ ପୋଲିସ ଅଧିକାରୀମାନେ ବୁଝାଶୁଝା କରୁଛନ୍ତି ।


ବସ୍ତିରେ ମୁତୟନ ପୋଲିସ ଫୋର୍ସ ।

### ଏକାଧିକ ସ୍ଥାନରୁ ଜବରଦଖଲ ଉଚ୍ଛେଦ କଲା ବିଡିଏ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ଆଗକୁ ହକି ବିଶ୍ୱକପ୍ ଥିବାବେଳେ ରାଜଧାନୀ ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ ଦିଆଯାଉଛି। ଏଥିପାଇଁ ସହରର ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଉଛି। ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ) ପକ୍ଷରୁ ରାସ୍ତାପାର୍ଶ୍ୱରୁ ବେଆଇନ ଦୋକାନ, ମନ୍ଦିରକୁ ହଟାଯାଉଛି। ବିଡିଏ ଉପାଧ୍ୟକ୍ଷ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶକ୍ରମେ ଏକକାଳୀନ ସଚିବାଳୟ ମାର୍ଗ, ଚନ୍ଦ୍ରଶେଖରପୁର, ଶହୀଦନଗର, ପଟିଆ ଓ କ୍ରାଉନ୍ ହୋଟେଲ ନିକଟରୁ ସାଲିଆସାହି ଯାଏ ଉଚ୍ଛେଦ ହୋଇଛି। ପାତ୍ରପଡ଼ାରୁ ଖଣ୍ଡଗିରି, ରାଜଭବନରୁ ଏଜି ଛକ, ରାଜଭବନରୁ କଳିଙ୍ଗ ଷ୍ଟାଡିୟମ, ଜୟଦେବ ବିହାରରୁ ପଟିଆ, ରବି ଟକିଜରୁ ରସୁଲଗଡ଼, ଜୟଦେବ ବିହାରରୁ ବାଣୀବିହାର, ଖଣ୍ଡଗିରିରୁ ସିଆର୍‌ପି ରାସ୍ତାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି। ତେବେ ଜବରଦଖଲ ଯୋଗୁ ସୌନ୍ଦର୍ଯ୍ୟକରଣରେ ବାଧା ସୃଷ୍ଟି ହେଉଥିବାରୁ ବିଡିଏ ଉଚ୍ଛେଦ କାର୍ଯ୍ୟକୁ ଜୋର୍‌ଦାର କରିଛି। ଶୁକ୍ରବାର କ୍ରାଉନ ହୋଟେଲ ସମ୍ମୁଖ ରାସ୍ତାରେ ଥିବା ଅସ୍ଥାୟୀ ମାଛ ଦୋକାନ ଭଙ୍ଗାଯାଇଛି। ଏଥିରେ ୩୫ଟି ମାଛ ଦୋକାନ, ୬ଟି ମଟନ ଦୋକାନ, ୪ଟି ପରିବା ଦୋକାନ ଓ ଗୋଟିଏ କମାର ଦୋକାନ ମାଟିରେ ମିଶିଛି। ସେହିପରି ଚନ୍ଦ୍ରଶେଖରପୁର ଅଞ୍ଚଳରେ ଗୋଟିଏ ହନୁମାନ ମନ୍ଦିର ଓ ପଟିଆରେ ଉଦ୍ୟାନ ଫ୍ରେଶ୍ ଭଙ୍ଗାଯାଇଛି। ଉଚ୍ଛେଦ ସମୟରେ ବିଡ଼ିଏ ଏନଫୋର୍ସମେଣ୍ଟ ଅଫିସର ପ୍ରମୋଦ କୁମାର ପାତ୍ର ଓ ବିଡିଏ ଲିଆସନ ଅଫିସର ଶୁଭାଂଶୁ ଶେଖର ମହାନ୍ତିଙ୍କ ସହ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଉପସ୍ଥିତ ଥିଲେ।

## ମୋ ବସ୍ ଧକ୍କାରେ ଛାତ୍ରଙ୍କ ମୃତ୍ୟୁ

**ଡ୍ରାଇଭରଙ୍କ ବେପରୁଆ ଗାଡ଼ି ଚାଳନା ଅଭିଯୋଗ**

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ରାଜଧାନୀରେ ଜଣେ ଛାତ୍ରଙ୍କ ଉପରେ 'ମୋ ବସ୍' ଚଢ଼ିଯିବା ଫଳରେ ତାଙ୍କର ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଖଣ୍ଡଗିରି ଥାନା ଶତାବ୍ଦୀ ନଗରର ସତ୍ୟବାନ୍ ନାୟକଙ୍କ ପୁଅ ସମ୍ବିତ୍ (୧୩)। ମୃତ ଛାତ୍ରଙ୍କ ପରିବାର ପକ୍ଷରୁ ଶୁକ୍ରବାର ଖଣ୍ଡଗିରି ଥାନାରେ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ସମ୍ବିତ୍ ଗୁରୁବାର ସକାଳ ପ୍ରାୟ ୮ଟା ସମୟରେ ଟ୍ୟୁଶନରୁ ଘରକୁ ସାଇକେଲ ଯୋଗେ ଫେରିବା ସମୟରେ କୃଷିବିହାର ଛକରୁ ଶତାବ୍ଦୀନଗର ମଧ୍ୟରେ ଏକ ବାଇକ୍ ପ୍ରଥମେ ଧକ୍କା ଦେଇଥିଲା। ସେ ପଡ଼ିଯାଇଥିଲେ। ପରେ ଉଠିପଡ଼ି ଛିଡ଼ା ହୋଇଥିବା ବେଳେ ଫାୟାର ଷ୍ଟେଶନ ଛକ ଆଡୁ ଆସୁଥିବା 'ମୋ ବସ୍' ତାଙ୍କୁ ଧକ୍କା ଦେଇଥିଲା। ସେ ଛିଟିକି ପଡ଼ିବା ସହ ମୁଣ୍ଡ, ଛାତି ଓ ଦେହରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ସମ୍ବିତ୍‌ଙ୍କୁ କ୍ୟାପିଟାଲ ହସ୍‌ପିଟାଲ ପଠାଇବା ସହିତ ଘଟଣାସ୍ଥଳରେ ଧାରଣା ଦେଇଥିଲେ। ସମ୍ବିତ୍‌ଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଥିଲା। ହେଲେ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ବିଦ୍ୟାଳୟ ଓ ଶତାବ୍ଦୀ ନଗରରେ ଶୋକର ଛାୟା ଖେଳିଯାଇଛି। ଅପରପକ୍ଷରେ 'ମୋ ବସ୍' ଚାଳକମାନେ ବେପାରୁଆ ଭାବେ ଗାଡ଼ି ଚଳାଉଥିବା ଯୋଗୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଗତ କିଛିଦିନ ପୂର୍ବରୁ ମୋ ବସ୍ ଧକ୍କାରେ ଖଣ୍ଡଗିରି ଅଞ୍ଚଳର ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲା।

## ଚାକିରି ଦେବା ନାଁରେ ଠକେଇ, ଜଣେ ଗିରଫ

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ଆଇସିଆଇସି ବ୍ୟାଙ୍କ ଓ ଏସ୍‌ଓରେ ଚାକିରି ଦେବାକୁ କହି ଜଣେ ଆଶାୟୀଙ୍କଠାରୁ ୪ଲକ୍ଷ ୩୧ ହଜାର ୫୦୦ ଟଙ୍କା ଠକି ନେଇଥିବା ସଂପୃକ୍ତ ଠକକୁ ନୟାପଲ୍ଲୀ ଥାନା ପୋଲିସ ଗିରଫ କରିଛି । ସେ ହେଲେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ରହୁଥିବା ଦେବଗଡ଼ର ଟିକନ ମାଝି । ତାଙ୍କଠାରୁ ୧୦ଟି ଟ୍ରାଞ୍ଜାକ୍ସନ କପି, ଜେରକ୍ସ ବ୍ୟାଙ୍କ ପାସବୁକ ଜବତ କରିଛି । ଏନେଇ ପୋଲିସ ମାମଲା ନଂ. ୭୧୨/୨୨ ରୁଜୁ କରି ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ସେହିପରି ଘଟଣାରେ ସଂପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତ ଫେରାର ଥିବା ଜଣାପଡିଛି। ତାଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇବା ସହ ଅଧିକ ତଦନ୍ତ ଜାରି ରଖିଛି। ଢେଙ୍କାନାଳ ଜିଲାର ରଜତ ପ୍ରସାଦ ଦେହୁରୀ ନାମକ ଜଣେ ଛାତ୍ରଙ୍କୁ ଠକିଥିବା ଅଭିଯୋଗ ହୋଇଥିଲା।

## ଦିବ୍ୟାଙ୍ଗଙ୍କୁ ବ୍ୟାଟେରିଚାଳିତ ହୁଇଲ୍ ଚେୟାର ପ୍ରଦାନ



ହୁଇଲ ଚେୟାର ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନଙ୍କ ସହିତ ଦିବ୍ୟାଙ୍ଗମାନେ ।

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ସ୍ୱାଭିମାନ ପକ୍ଷରୁ ଦିବ୍ୟାଙ୍ଗମାନଙ୍କୁ ସ୍ୱତନ୍ତ୍ର ଭାବେ ନିର୍ମିତ ବ୍ୟାଟେରିଚାଳିତ ହୁଇଲ୍ ଚେୟାର ପ୍ରଦାନ କରାଯାଇଛି। ଶୁକ୍ରବାର ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ତେରାପନ୍ଥ ଭବନରେ ୮ ଜଣ ଦିବ୍ୟାଙ୍ଗଙ୍କୁ ଏହି ଉପକରଣ ବିତରଣ କରିବା ସହିତ ଭାରତର ପ୍ରଥମ ସ୍ୱଦେଶୀ ବ୍ୟାଟେରିଚାଳିତ ଯାନ ଭାବରେ ନିର୍ମାଣ କରିଥିବା ନିଓମୋଶନ ଆସିଷ୍ଟିଭ୍ ସଲ୍ୟୁଶନ୍ସ ପ୍ରାଇଭେଟ୍ ଲିଃକୁ ପ୍ରଶଂସା କରିଥିଲେ। ମାଡ୍ରାସ୍ ଆଇଆଇଟିର ଇନ୍‌କ୍ୟୁବେଶନ ସେଲ୍ ପକ୍ଷରୁ ପ୍ରସ୍ତୁତ ଏହି ନିଓମୋଶନ ଯାନଗୁଡ଼ିକ ଏପରି ଭାବରେ ନିର୍ମିତ ହୋଇଛି ଯେ ତାହା ହୁଇଲ୍ ଚେୟାର ଏବଂ ଆବଶ୍ୟକ ସମୟରେ ଗତିଶୀଳ ଯାନ ଭାବରେ ବ୍ୟବହୃତ ହୋଇପାରିବ। ଦିବ୍ୟାଙ୍ଗଙ୍କ ପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଥାଇ ଏହି ଉପକରଣଗୁଡ଼ିକ ପ୍ରସ୍ତୁତ ହୋଇଛି। ଅନୁଷ୍ଠାନର ପ୍ରତିଷ୍ଠାତା ସମାଜସେବୀ ଡ. ଶ୍ରୁତି ମହାପାତ୍ର ଯୋଗଦେଇ ହିତାଧିକାରୀଙ୍କୁ ଯଥାର୍ଥ ଭାବରେ ଚିହ୍ନଟ କରାଯାଇଥିବା ଦର୍ଶାଇଥିଲେ। ନିଓମୋଶନର ଏପରି ଉଦ୍ୟମ ସ୍ମାର୍ଟ ଭାରତରେ ସ୍ମାର୍ଟ ଯାନ ଯୋଗାଇଦେବାରେ ସମର୍ଥ ହୋଇଛି ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମାଜସେବୀ ସୁବାସ ଭୋରା ଉପସ୍ଥିତ ଥିଲେ।

## ଶିଶୁଙ୍କୁ ମିଶ୍ରିତ ଖାଦ୍ୟ ଖାଇବାରୁ ଦୂରେଇ ରଖିବା ଉଚିତ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ):

ୟୁନିସେଫ୍‌ର ବୈଷୟିକ ସହାୟତାରେ ଭାରତର ଶିଶୁମାନଙ୍କ ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ସୁରକ୍ଷା ଏବଂ ବିକାଶ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା, ସିନି (ଚାଇଲ୍ଡ ଇନ୍ ନିଡ୍ ଇନ୍‌ଷ୍ଟିଚ୍ୟୁଟ୍) ପକ୍ଷରୁ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କର୍ମଶାଳାରେ ଓଡ଼ିଶାରେ ଆଇୱାଇସିଏଫ୍‌କୁ ତ୍ୱରାନ୍ୱିତ କରି ପରିପୂରକ ଖାଦ୍ୟ ଏବଂ ଖାଦ୍ୟାଭ୍ୟାସ ସହ ଶିଶୁ ପୋଷଣ ସ୍ଥିତିରେ ସୁଧାର ଏବଂ ପୃଷ୍ଟିହୀନତାକୁ ରୋକିବା ଦିଗରେ ଆଲୋଚନା କରାଯାଇଥିଲା। କର୍ମଶାଳାରେ ଯୋଗଦେଇଥିବା ବିଶେଷଜ୍ଞମାନେ ଆଇୱାଇସିଏଫ୍ ଅଭ୍ୟାସର ଅନେକ ଦିଗ ଯେପରିକି ଶିଶୁମାନଙ୍କ ମଧ୍ୟରେ ପୁଷ୍ଟିକର ଖାଦ୍ୟର ପ୍ରୋତ୍ସାହନ ଏବଂ ପୁଷ୍ଟିହୀନତାକୁ ରୋକିବା, ପିଲାମାନଙ୍କ ଗେଡ଼ାପଣ ଏବଂ ଅପଚୟ ଉପରେ ଆଲୋକପାତ କରିଥିଲେ। ଏହି କର୍ମଶାଳାରେ ଏସ୍‌ସିବି ମେଡିକାଲ୍ କଲେଜ ଆଣ୍ଡ ହସ୍ପିଟାଲ, ଶିଶୁଭବନର ଶିଶୁରୋଗ ବିଶେଷଜ୍ଞ ପ୍ରଫେସର ଡ଼ ସୁନୀଲ କୁମାର ଅଗ୍ରୱାଲ, ୟୁନିସେଫ୍ ଓଡ଼ିଶାର ଯୋଗାଯୋଗ ବିଶେଷଜ୍ଞ, ରାଧିକା ଶ୍ରୀବାସ୍ତବ, ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ, ସୌରଭ ଭଟ୍ଟାଚାର୍ଯ୍ୟୀ, ସିନିର ନିର୍ଦ୍ଦେଶକ ସ୍ୱପନ୍ ବିକାଶ ସାହା ପ୍ରମୁଖ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। ସିନିର ରାଜ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶାଶ୍ୱତି ଏନ୍ ମହାପାତ୍ର ଓ ଡ. ମିତାଲି ମହାନ୍ତି କର୍ମଶାଳା ପରିଚାଳନା କରିଥିଲେ।

ନବଜାତ ଶିଶୁ ଓ ଛୋଟ ପିଲାଙ୍କ ଖାଦ୍ୟାଭ୍ୟାସ ଉପରେ ଗୁରୁତ୍ୱ ଦେଇ ଡ. ସୁନୀଲ କୁମାର ଅଗ୍ରୱାଲା କହିଛନ୍ତି ଯେ, ଶିଶୁମାନଙ୍କୁ ଗୁଣାତ୍ମକ ଜୀବନ ଯୋଗାଇବା ପାଇଁ ଗର୍ଭଧାରଣ ସମୟରୁ ୨ବର୍ଷ ପର୍ଯ୍ୟନ୍ତ ପ୍ରଥମ ୧୦୦୦ ଦିନ ହେଉଛି ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଶିଶୁମାନଙ୍କୁ ମିଶ୍ରିତ ଖାଦ୍ୟ ଖାଇବାଠାରୁ ଦୂରେଇ ରଖିବା ସହ ପ୍ରଥମ ୬ମାସ ମା' କ୍ଷୀର ବ୍ୟତୀତ ଅନ୍ୟ କୌଣସି କ୍ଷୀର ଦେବା ଉଚିତ୍ ନୁହେଁ। ପୁଷ୍ଟିକର



ଶିଶୁଙ୍କ ପୋଷଣଯୁକ୍ତ ଖାଦ୍ୟ ସମ୍ପର୍କିତ କର୍ମଶାଳାରେ ଯୋଗ ଦେଇଥିବା ଅତିଥିମାନେ ।

**ଶିଶୁଙ୍କ ପୋଷଣଯୁକ୍ତ ଖାଦ୍ୟ ସମ୍ପର୍କିତ କର୍ମଶାଳା**

ଖାଦ୍ୟ ପ୍ରୋତ୍ସାହନରେ ଗଣମାଧ୍ୟମର ଭୂମିକା ବିଷୟରେ ବର୍ଣ୍ଣନା କରି ୟୁନିସେଫ୍ ଓଡିଶାର ଯୋଗାଯୋଗ ବିଶେଷଜ୍ଞ ରାଧିକା ଶ୍ରୀବାସ୍ତବ କହିଲେ ଯେ, ଗଣମାଧ୍ୟମ ଉପରେ ଲୋକଙ୍କ ବିଶ୍ୱାସ ବୃଦ୍ଧିପାଇଛି, ତେଣୁ ସଫଳତାର କାହାଣୀଗୁଡିକୁ ବର୍ଣ୍ଣନା କରି ତୃଣମୂଳସ୍ତରରେ ଆଇୱାଇସିଏଫ୍ ଅଭ୍ୟାସକୁ ଗୁରୁତ୍ୱ ଦେବାରେ ଗଣମାଧ୍ୟମ ହେଉଛି ଏକମାତ୍ର ଉତ୍ସ। ୟୁନିସେଫ୍‌ର ପୋଷଣ ବିଶେଷଜ୍ଞ ସୌରଭ ଭଟ୍ଟାଚାର୍ଯ୍ୟୀଙ୍କ ମତାନୁସାରେ ଛଅମାସ ପରେ ଶିଶୁକୁ ମା' କ୍ଷୀର ସହିତ ପରିଷ୍କାର ପରିଚ୍ଛନ୍ନତା ଅବଲମ୍ବନ କରି ଘର ତିଆରି ପରିପୂରକ ଖାଦ୍ୟର ଅଭ୍ୟାସ କରିବା ନିତାନ୍ତ ଆବଶ୍ୟକ। ଶିଶୁଙ୍କ ପୃଷ୍ଟିହୀନତାକୁ ମୁକାବିଲା କରିବା ପାଇଁ ଓଡିଶା ସରକାର, ୟୁନିସେଫ ଏବଂ ସିନିର ସହଭାଗିତାରେ ବିଭିନ୍ନ ଫ୍ଲାଗସିପ୍ କାର୍ଯ୍ୟକ୍ରମ କରାଯାଇଛି। ପରୀକ୍ଷାମୂଳକ ପଦକ୍ଷେପର ପ୍ରମାଣ ଅନୁଯାୟୀ ଜୁଲାଇ ୨୦୧୮ରୁ ଜାନୁଆରୀ ୨୦୨୧ ମଧ୍ୟରେ ଓଡିଶାର ୪ଟି ଜିଲା (କୋରାପୁଟ, କେନ୍ଦୁଝର, ନବରଙ୍ଗପୁର ଏବଂ ରାୟଗଡା)ର ୫୦ଟି ବ୍ଲକ୍‌ରେ ୧୦,୬୮୯ ଟି ଅଙ୍ଗନୱାଡି କେନ୍ଦ୍ର ଅନ୍ତର୍ଭୁକ୍ତ କରାଯାଇଥିଲା। ବର୍ତ୍ତମାନ ଏହା ୩୦ଟି ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ, ଯେପରିକି ଅଙ୍କୁର୍ ଦିବସ, ଅନ୍ନପ୍ରସନ୍ନ ଦିବସ ବା ଗୋଦଭାରାଇ ଦିବସ, ସ୍ୱତନ୍ତ୍ର ପରାମର୍ଶ ଅଧିବେଶନ ଏବଂ ଭିଏଚ୍‌ଏସ୍‌ଏନ୍‌ଡି (ମମତା ଦିବସ) ମାଧ୍ୟମରେ ଏହି ଖାଦ୍ୟାଭ୍ୟସକୁ ଅଧିକ ପ୍ରଭାବଶାଳୀ କରାଯାଇପାରିଛି। ସିନିର ନିର୍ଦ୍ଦେଶକ ସ୍ୱପନ୍ ବିକାଶ ସାହା ବିଭିନ୍ନ ଆଇୱାଇସିଏଫ୍ ଅଭ୍ୟାସ ଉପରେ ଗଣମାଧ୍ୟମ ସହିତ ଆଲୋଚନା କରିଥିଲେ ଏବଂ ଓଡିଶାରେ ପୁଷ୍ଟିହୀନତା ବିରୋଧରେ ସିନିର ପ୍ରୟାସକୁ ଆଲୋକପାତ କରିଥିଲେ। ପରିଶେଷରେ ମିତାଲି ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ସିଏମ୍‌ସି କର୍ମଚାରୀଙ୍କ ଘରକୁ ଗୁଳିମାଡ଼

କଟକ ଅଫିସ,୧୮।୧୧: କଟକ ମହାନଗର ନିଗମ(ସିଏମ୍‌ସି)ର ଜଣେ କର୍ମଚାରୀଙ୍କ ଘର ଉପରକୁ ଶୁକ୍ରବାର ଗୁଳିମାଡ଼ ହୋଇଛି। ସେ ହେଲେ ସୂତାହାଟ ନିଉ କଲୋନୀରେ ରହୁଥିବା ପି. ରବି। ସକାଳ ସାଢ଼େ ୬ଟାରେ ତାଙ୍କ ଘର ପାଖରେ ଜୋର୍‌ରେ ଶବ୍ଦ ହୋଇଥିଲା। ଫଳରେ ତାଙ୍କ ଝିଅ ଘର ବାହାରକୁ ଯାଇ ଦେଖିବା ବେଳକୁ ଘରର ଝରକା କାଚରେ ଗୋଟେ କଣା ହେଇଛି। ଖବରପାଇ କ୍ୟାଣ୍ଟନମେଣ୍ଟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ତଦନ୍ତରୁ ଗୁଳି ଫୁଟି କଣା ହୋଇଥିବା ପୋଲିସ ଜାଣିବାକୁ ପାଇଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି।

### ଗଛରୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ

ନିମାପଡ଼ା,୧୮।୧୧(ଡି.ଏନ୍.ଏ.)- ନିମାପଡ଼ା ଥାନା ଅନ୍ତର୍ଗତ ତେରୁଣ୍ଡିଆ ଗ୍ରାମର ଏକ ଗଛରୁ ଶୁକ୍ରବାର ଜଣେ ବୃଦ୍ଧଙ୍କ ଝୁଲନ୍ତା ମୃତଦେହକୁ ନିମାପଡ଼ା ଥାନା ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ଜିତେନ୍ଦ୍ର ନାୟକ(୬୫)। ସୂଚନା ମୁତାବକ, ଜିତେନ୍ଦ୍ର ଗୁରୁବାର ରାତିରେ ଖାଇ ସାରି ଶୋଇପଡ଼ିଥିଲେ। ହେଲେ ସକାଳୁ ସେ ନିଜ ରୁମ୍‌ରେ ନ ଥିବାରୁ ପରିବାର ଲୋକ ଖୋଜାଖୋଜି କରିଥିଲେ। କିନ୍ତୁ ବାରିପଟେ ଯାଇ ଦେଖିବା ବେଳେ ଏକ ବରକୋଳି ଗଛରେ ଜିତେନ୍ଦ୍ର ବେକରେ ରଶି ବାନ୍ଧି ଝୁଲୁଥିଲେ। ପରିବାର ଲୋକେ ପୋଲିସକୁ ଜଣାଇବା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ଏ ସମ୍ପର୍କରେ ଜିତେନ୍ଦ୍ରଙ୍କୁ ପୁଅ ଶଙ୍କର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୩୫/୨୨) ରୁଜୁ କରି ତଦନ୍ତ ଚଳାଇଛି। ତେବେ ବୟସାଧିକ କାରଣରୁ ଜିତେନ୍ଦ୍ର ନାନା ରୋଗରେ ପୀଡ଼ିତ ଥିଲେ। ରୋଗ ଯନ୍ତ୍ରଣା ସହି ନ ପାରି ଜିତେନ୍ଦ୍ର ଏଭଳି ଅଘଟଣ ଘଟାଇଥିବା ତାଙ୍କ ପୁଅ ଶଙ୍କର ପୋଲିସକୁ କହିଥିବା ତଦନ୍ତକାରୀ ଅଫିସର ଏଏସ୍‌ଆଇ ସବିତା ମାର୍ଥା କହିଛନ୍ତି।

### ୧୩ ବର୍ଷ ପରେ ଅଭିଯୁକ୍ତ ଗିରଫ

#### ଗଣବଳାତ୍କାର ମାମଲା

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ): ଏକ ଗଣବଳାତ୍କାର ମାମଲାରେ ମହିଳା ଥାନା ପୋଲିସ ୧୩ ବର୍ଷ ପରେ ଘଟଣାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଚକେଇସିହାଣୀ ଅଞ୍ଚଳର ବ୍ରଜକିଶୋର ସ୍ୱାଇଁ ଓରଫ ବାଜିଆ (୩୯)। ଗିରଫ ଭୟରେ ବାଜିଆ ଦୀର୍ଘବର୍ଷ ଧରି ନିଜ ନାମ ବଦଳାଇ ଭିନ୍ନ ଭିନ୍ନ ସ୍ଥାନରେ ଆତ୍ମଗୋପନ କରୁଥିବାରୁ ପୋଲିସ ତାଙ୍କୁ ଧରିପାରୁ ନ ଥିଲା। ଗତ କିଛିଦିନ ତଳେ ବାଜିଆ ଘରକୁ ଆସିଥିବା ଖବରପାଇ ପୋଲିସ ଗିରଫ କରିଥିବା ମହିଳା ଥାନାଧିକାରୀ ସନ୍ତୋଷିନୀ ବେହେରା କହିଛନ୍ତି।

ସୂଚନାନୁସାରେ, ୨୦୦୯ ଜାନୁୟାରୀ ୧୨ରେ ମହିଳା ଥାନାରେ ପୀଡ଼ିତା ଅଭିଯୋଗ କରିଥିଲେ ଯେ, ଚକେଇସିହାଣୀସ୍ଥିତ ନିଜ ଭଡ଼ାଘରେ ଏକୁଟିଆ ଶୋଇଥିଲା ବେଳେ ବାଜିଆ ଏବଂ ତାଙ୍କ ଅନ୍ୟ ଦୁଇ ସହଯୋଗୀ ଘରର କବାଟ ବାଡ଼େଇଥଲେ। ପୀଡ଼ିତା ଘର କବାଟ ଖୋଲିବାରୁ ଅଭିଯୁକ୍ତ ୩ଜଣ ତାଙ୍କୁ ଉଠାଇନେଇ ଏକ ନିଛାଟିଆ ସ୍ଥାନରେ ଗଣବଳାତ୍କାର କରିଥିଲେ। ପୀଡ଼ିତା ଏନେଇ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁକରି ପ୍ରଥମେ ବାବୁନି କୁମାର ଦାସଙ୍କୁ ଗିରଫ କରିଥିଲା। ଏହି ମାମଲାରେ ଅନ୍ୟତମ ଅଭିଯୁକ୍ତ ରବି ଓରଫ ବଳଭଦ୍ର ସୁନ୍ଦରାୟ ଫେରାର ଥିବାବେଳେ ଏକ ସଡ଼କ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ହୋଇଥିଲା।



## ପେଟ୍ ଆନିମଲ ଗାଇଡ୍‌ଲାଇନ୍

# ପ୍ରାଣୀପ୍ରେମୀ ଅସନ୍ତୁଷ୍ଟ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ) – ଭୁବନେଶ୍ୱର ଇନ୍‌ଫୋସିଟି ଥାନା ଅନ୍ତର୍ଗତ ତପସ୍ୱିନୀ କଲୋନିରେ ଜଣେ ନାବାଳକଙ୍କୁ ଏକ ପୋଷା କୁକୁର କାମୁଡିବା ଘଟଣାକୁ ନେଇ ବୁଧବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଥିଲା। କଲୋନିବାସୀ, କୁକୁର ମାଲିକ ଓ ପଶୁପ୍ରେମୀ ମୁହାଁମୁହିଁ ହେବାରୁ ଉତ୍ତେଜନା ଦେଖାଦେଇଥିଲା। ଶେଷରେ ପୋଲିସର ହସ୍ତକ୍ଷେପ ପରେ କୁକୁରଟିକୁ ଡଗ୍ କେୟାର ସେଣ୍ଟରକୁ ପଠାଯାଇଥିଲା। ରାଜଧାନୀରେ ଏହି କୁକୁର କାମୁଡ଼ା କଳି ଉଗ୍ରରୂପ ନେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କଡା ନିୟମ ଜାରି କରିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ଆସନ୍ତା ସପ୍ତାହ ସୁଦ୍ଧା ପେଟ୍ ଆନିମଲ୍ ଗାଇଡ୍‌ଲାଇନ୍ ଜାରି କରାଯିବ। ପେଟ ଆନିମଲ ବା ପୋଷା ଜୀବଜନ୍ତୁ ଘରେ ରଖିଲେ ବିଏମ୍‌ସିର ଅନୁମତି ନେବାକୁ ପଡିବ। ଏଥିସହ ବିଏମ୍‌ସିରେ ପଞ୍ଜୀକରଣ କରିବାକୁ ପଡିବ ବୋଲି କମିଶନର ବିଜୟ ଅମୃତା କୁଲାଙ୍ଗେ ସୂଚନା ଦେଇଛନ୍ତି। ତେବେ ବିଏମ୍‌ସିର ଏହି ନିଷ୍ପତ୍ତି ଓ ପ୍ରସ୍ତୁତିକୁ ନେଇ ପ୍ରତିକ୍ରିୟା ପ୍ରକାଶ ପାଇଛି। କେହି ଏହାକୁ ସ୍ୱାଗତ କରୁଥିବାବେଳେ ଅଧିକାଂଶ ପ୍ରାଣୀପ୍ରେମୀ ବିରୋଧ କରିବା ସହ ଅସନ୍ତୁଷ୍ଟ ପ୍ରକାଶ କରୁଛନ୍ତି। କିଏ କେଉଁପ୍ରକାର ପୋଷା ଜୀବ ରଖିବ ସେ ନେଇ ବିଏମ୍‌ସି କାହିଁକି ହସ୍ତକ୍ଷେପ କରୁଛି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

### ବୁଲା କୁକୁର ବେଶି ଆକ୍ରମଣ କରୁଛି, ବିଏମ୍‌ସି ଗୁରୁତ୍ୱ ଦେଉ



ମୋ ଘରେ ୯ଟି ପେଟ୍ ଡଗ୍ ଥିଲେ। ଏବେ ପିଟ୍‌ବୁଲ୍ ରଖିଛି, ତାକୁ ୮ବର୍ଷ ହେଲାଣି। ସେ କେବେ ବି କାହାର କ୍ଷତି କରିନି। କିଏ କେମିତି ପେଟ୍ ଡଗ୍ ପାଳୁଛନ୍ତି, ତାହା ମାଲିକଙ୍କ ଉପରେ ନିର୍ଭର କରେ। ଜଣେ ବ୍ୟକ୍ତି ନିଜ ଘରେ କେଉଁ ପ୍ରକାରର କୁକୁର ରଖିବ ତାହା ତାଙ୍କର ସମ୍ପୂର୍ଣ୍ଣ ବ୍ୟକ୍ତିଗତ କଥା। ଏହା ଉପରେ ରୋକ୍ ଲଗାଇବା ଠିକ୍ ନୁହେଁ। ପୋଷା କୁକୁରଙ୍କ ଅପେକ୍ଷା ରାସ୍ତାରେ ବୁଲୁଥିବା କୁକୁର ବେଶି ଆକ୍ରମଣକରୁଛନ୍ତି।ତେଣୁବିଏମ୍‌ସିସେମାନଙ୍କଉପରେଅଧିକଧ୍ୟାନଦେବାଆବଶ୍ୟକ।

–ଅରିନ୍ଦମ ରୟ, ଅଭିନେତା

### ପେଟ୍ ଆମ ପରିବାରର ସଦସ୍ୟ



ଆମ ପାଇଁ ପେଟ୍ ପରିବାରର ସଦସ୍ୟ। କିଛିଟା କୁକୁର ସୋସିଆଲାଇଜ୍ ହୋଇ ନ ଥାନ୍ତି ଏବଂ ସେମାନେ ପିଲାଙ୍କୁ ଦେଖିଲେ ତାଙ୍କ ପାଖକୁ ପଳାନ୍ତି। ମୋ ପାଖରେ ୪୦ରୁ ୫୦ ପେଟ୍ ଅଛନ୍ତି। ପେଟ୍ ଜଣେ ମାଲିକର ଆଇନା। ଗୋଟେ କୁକୁର ଆକ୍ରମଣାତ୍ମକ ହେଲେ ଯେ ସବୁ କୁକୁର ସେଭଳି ହେବେ ବୋଲି ଭାବିବା ଭୁଲ୍। ଆମେ କେଉଁ ପେଟ୍ ରଖିବୁ ତାହା ଅନ୍ୟ କେହି ନିର୍ଦ୍ଧାରଣ କରିବା ଠିକ୍ ନୁହେଁ। ରାସ୍ତାକଡ଼ର କୁକୁର ବି ଅନେକ ସମୟରେ ଲୋକଙ୍କୁ କାମୁଡୁଛି, ମାତ୍ର ତାହା ଏତେବଡ ଘଟଣା ହେଉନି। ଯେଉଁମାନେ ବ୍ୟବସାୟିକ ଭିତ୍ତିରେ କୁକୁର ରଖୁଛନ୍ତି, ତାହା ଭିନ୍ନ କଥା। ମାତ୍ର ପ୍ରାଣୀପ୍ରେମୀଙ୍କ ପାଇଁ ଏଭଳି କଟକଣା ସମସ୍ୟାର ସମାଧାନ ନୁହେଁ।

–ଅନିମେଶ ମହାନ୍ତି, ଆନିମଲ ଏନ୍ଥୁଜିଆ

### ଆମ ମୌଳିକ ଅଧିକାର କେହି ନେଇପାରିବେ ନାହିଁ

ଆନିମଲ ୱେଲ୍‌ଫେୟାର ଅଫ୍ ଇଣ୍ଡିଆ କେଉଁ କେଉଁ ବ୍ରିଡ୍‌କୁ ବ୍ୟାନ୍ କରିଛି ତାହାର ତଥ୍ୟ ଆମ ପାଖରେ ନାହିଁ। ଅପରପକ୍ଷେ ଗାଇଡ୍‌ଲାଇନ ନ ଆସିବା ପର୍ଯ୍ୟନ୍ତ ତାହା ଉପରେ କିଛି କହିବା ଠିକ୍ ହେବନାହିଁ। ଆମ ମୌଳିକ ଅଧିକାରକୁ କେହି ନେଇପାରିବେ ନାହିଁ। ମଣିଷ କେଉଁଭଳି ଭାବେ ରହୁଛନ୍ତି, ତାହା ମହାନଗର ନିଗମ କର୍ତ୍ତୃପକ୍ଷ ତଦାରଖ କରୁନାହାନ୍ତି। ପୋଷା ଜୀବଙ୍କୁ ନେଇ ଏତେ ତର୍ଜମା କ'ଣ ପାଇଁ।

–ସୁବ୍ରତ ପୃଷ୍ଟି, ସଭାପତି, ଓଡିଶା କେନେଲ୍ କ୍ଲବ୍

### ଗୋଟିଏ ଦୁର୍ଘଟଣାକୁ ଏତେ ବଡ଼ କରିବା ଠିକ୍ ନୁହେଁ



ବିଏମ୍‌ସି ଗାଇଡ୍‌ଲାଇନ୍ ଆଣିପାରିବ। ମାତ୍ର ଗୋଟିଏ ଦୁର୍ଘଟଣାକୁ ନେଇ ଏତେ ବଡ କରିବା ଟିକେ ଅଧିକ ହୋଇଯାଉଛି। ତେବେ ଆକ୍ରମଣ କରିଥିବା କୁକୁରର ବ୍ରିଡ୍ କ'ଣ, ସେ ବିପଜ୍ଜନକ କୁକୁର ଭାବେ ଅନ୍ୟ ରାଜ୍ୟ ବା ଦେଶରେ ତାଲିକାଭୁକ୍ତ ଅଛି କି, ଏସବୁ ଦିଗକୁ ଦେଖିବା ଦରକାର। ବିପଜ୍ଜନକ ତାଲିକାରେ ଥିବା କୁକୁରଙ୍କୁ କଟକଣା କରିବାରେ ଅସୁବିଧା ନାହିଁ। ମାତ୍ର ସବୁ କୁକୁର ହିଂସ୍ର ନୁହନ୍ତି। ଏବେ ପୋଷା କୁକୁରଙ୍କ ଚାହିଦା ବଜାରରେ ବଢିଛି। ସେହି ଅନୁସାରେ ସେମାନଙ୍କ ପ୍ରଶିକ୍ଷଣ ଏବଂ ପ୍ରତିଯୋଗିତା ଏକ ବ୍ୟବସାୟରେ ପରିଣତ ହୋଇଛି। ଏ ବିଷୟରେ ବ୍ୟାପକ ବିଚାରବିମର୍ଶ ହେବା ପରେ ନିଷ୍ପତ୍ତି ନିଆଯିବା ଦରକାର।

–ସୁଧାଂଶୁ ଷଡ଼ଙ୍ଗୀ, ଏଡିଜି, ରେଲ୍‌ୱେ ଆଣ୍ଡ୍ କୋଷ୍ଟାଲ ସିକ୍ୟୁରିଟି

### ତରବରିଆ ଗାଇଡ୍‌ଲାଇନ୍ ଆଣିବା ଠିକ୍ ନୁହେଁ



ଗୋଟିଏ ଘଟଣାକୁ ନେଇ ଏପରି ନିଷ୍ପତ୍ତି ଠିକ୍ ନୁହେଁ। ବିଏମ୍‌ସି କାହା ସହ ଆଲୋଚନା ନ କରି ତରବରିଆ ଭାବେ ଗାଇଡ୍‌ଲାଇନ୍ ଆଣୁଛି। ପ୍ରାଣୀପ୍ରେମୀ ଲାବ୍ରାଡର ରଖିପାରିବେ, ବିଗଲ୍ ବା ଅନ୍ୟ କେଉଁ ବ୍ରିଡ୍‌ର ପେଟ୍ ରଖି ପାରିବେ ନାହିଁ, ଏଭଳି ନିୟମ ଆଣିବା ଦ୍ୱାରା ଆମର ସ୍ୱାଧୀନତା ଉପରେ ହସ୍ତକ୍ଷେପ କଲାଭଳି ଲାଗୁଛି। କୁକୁର ମଣିଷର ସବୁଠୁ ବିଶ୍ୱସ୍ତ ବନ୍ଧୁ। ଏହା ଆମକୁ ସୁରକ୍ଷା ଦେବା ସହ ପରିବାର ସଦସ୍ୟ ଭଳି ରୁହନ୍ତି। ଗାଇଡ୍‌ଲାଇନ୍ ପୂର୍ବରୁ କୁକୁର ପ୍ରେମୀଙ୍କ ମତ ନିଆଯାଉ।

–ଅମିତାଭ ରାଉତ, ପ୍ରାଣୀପ୍ରେମୀ

### ବିଏମ୍‌ସି ପାଖରେ ପୋଷା ଜୀବଙ୍କ ତଥ୍ୟ ରହିବ

ବିଏମ୍‌ସି ଯେଉଁ ଗାଇଡ୍‌ଲାଇନ୍ ଆଣିବାକୁ ଯାଉଛି, ତାହା ଉଭୟ ପାଳିତ ପଶୁ ଓ ସେମାନଙ୍କ ମାଲିକମାନଙ୍କ ପାଇଁ ଭଲ। ରେଜିଷ୍ଟ୍ରେଶନ ହେବା ଦ୍ୱାରା ବିଏମ୍‌ସି ପାଖରେସହରରେରହୁଥିବାସମସ୍ତପୋଷାଜୀବଙ୍କତଥ୍ୟରହିପାରିବ।ବିଶେଷକରି ପୋଷା କୁକୁରଙ୍କ ତଥ୍ୟ ରହିବା ଦ୍ୱାରା ସେମାନଙ୍କର ନିୟମିତ ଟିକାକରଣ, ଚିକିତ୍ସାକୁ ମାଲିକମାନେ ଗୁରୁତ୍ୱ ଦେବେ। ଏଥିସହ ଭୁବନେଶ୍ୱରରେ କେତେ ଓ କେଉଁ କେଉଁ ବ୍ରିଡ୍‌ର କୁକୁର ଅଛନ୍ତି ତାହାର ତଥ୍ୟ ସରକାରଙ୍କ ପାଖରେ ରହିବ।

–ଅମୂଲ୍ୟ ନାୟକ, ପିପୁଲ ଫର୍ ଆନିମଲ ସଦସ୍ୟ



### ଗାଇଡ୍‌ଲାଇନକୁ ସ୍ୱାଗତ କରୁଛି



ବିଏମ୍‌ସି ଆଣିବାକୁ ଯାଉଥିବା ଗାଇଡ୍‌ଲାଇନ୍‌କୁ ମୁଁ ସ୍ୱାଗତ କରୁଛି। କୁକୁର ହୁଅନ୍ତୁ ଅବା ଅନ୍ୟକେହି ପ୍ରାଣୀ, ସେମାନେ କଥା କହି ପାରନ୍ତିନି। ତାଙ୍କୁ ଯେମିତି ଯେତିକି ଶିକ୍ଷାଦେବୁ ସେମାନେ ସେମିତି କରିବେ। ତେଣୁ ତାଙ୍କୁ ଦୋଷ ଦେବା ଆମର ଭୁଲ୍। ମୁଁ ଦେଶୀ କୁକୁର ରଖିଛି। ଆମଘରେ ସମସ୍ତେ କୁକୁର, ବିଲେଇ ପ୍ରେମୀ। ସମସ୍ତେ ଏକାଠି ରୁହନ୍ତି। ଯେଉଁମାନେ ଘରେ କୁକୁର ପାଳୁଛନ୍ତି ଅନେକ ସମୟରେ ସେମାନଙ୍କ ବେକରେ ବେଲ୍ଟ ବାନ୍ଧି ରଖାଯାଉଛି। ଫଳରେ ସେମାନେ ହିଂସ୍ର ହୋଇ ଯାଉଛନ୍ତି। ଯିଏ ପ୍ରକୃତ ପ୍ରାଣୀପ୍ରେମୀ ସେ ବ୍ରିଡ୍ ନ ଦେଖି ରାସ୍ତା ଘାଟର କୁକୁର ଛୁଆଙ୍କୁ ଆଣି ଭଲ ଶିକ୍ଷା ଦେଇ ରଖିବାକୁ ପରାମର୍ଶ ଦେବି।

–ସ୍ୱରାଜ ବାରିକ, ଅଭିନେତା

## ଭଦ୍ରକକୁ ହରାଇ ଗଣ୍ଡରପୁର ବିଜୟୀ

### ରାଜ୍ୟସ୍ତରୀୟ ପଦ୍ମଚରଣ ସ୍ମାରକୀ ଫୁଟ୍‌ବଲ ପ୍ରତିଯୋଗିତା

ନିମାପଡ଼ା,୧୮।୧୧(ଡି.ଏନ୍.ଏ.)

ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ଆୟୋଜିତ ରାଜ୍ୟସ୍ତରୀୟ ୮ମ ପଦ୍ମଚରଣ ସାମନ୍ତସିଂହାର ସ୍ମାରକୀ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଥିଲା ୬ଷ୍ଠ ଦିବସ। ଏହି ଦିବସରେ ୨ୟ ସେମିଫାଇନାଲ ମ୍ୟାଚ ୟୁଏଫସି ଭଦ୍ରକ ଓ ୟୁଏଫ୍‌ସି ଗଣ୍ଡରପୁର ଭୁବନେଶ୍ୱର ମଧ୍ୟରେ ମୁକାବିଲା ହୋଇଥିଲା। ଉଭୟ ଦଳ ଉଭୟକୁ ୨ଟି ଲେଖାଏ ଗୋଲ ସ୍କୋର କରିଥିବାରୁ ମ୍ୟାଚ ଅମିମାଂସିତ ଭାବେ ଶେଷ ହୋଇଥିଲା। ପରେ ଟ୍ରାଏବେକର ପଦ୍ଧତି ଓ ପେନାଲ୍ଟି ସୁଟ ଆଉଟର ସହାୟତା ନିଆଯାଇଥିଲା। ଏହି ପେନାଲ୍ଟି ସୁଟ୍ ଆଉଟ୍‌ରେ ୟୁଏଫସି ଭଦ୍ରକକୁ ୫–୩ ଗୋଲରେ ପରାସ୍ତ କରି ୟୁଏଫ୍‌ସି ଗଣ୍ଡରପୁର ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ୟୁଏଫ୍‌ସି ଭଦ୍ରକ ଦଳର ଖେଳାଳି ସୁବ୍ରତ ନାୟକ ଗୋଟିଏ ଗୋଲ ସ୍କୋର କରିଥିବା ବେଳେ ଆସେଫ ଦମ ଦମ ମଧ୍ୟ ଗୋଟିଏ ଗୋଲ ସ୍କୋର କରିଥିଲେ। ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ଗଣ୍ଡରପୁର ଭୁବନେଶ୍ୱର ଦଳର ଖେଳାଳି ଦୀନବନ୍ଧୁ ଦାସ ଏକାକୀ ୨ଟି ଗୋଲ ସ୍କୋର କରିଥିଲେ। ଏହି ୨ୟ ସେମି ଫାଇନାଲ ମ୍ୟାଚରେ ବିଜୟୀ ୟୁଏଫ୍‌ସି ଗଣ୍ଡରପୁର ଭୁବନେଶ୍ୱର ଦଳର ଖେଳାଳି ଦୀନବନ୍ଧୁ ଦାସ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ ହୋଇ ସ୍ୱତନ୍ତ୍ର ଭାବେ ପୁରସ୍କୃତ ହୋଇଥିଲେ। ରେଫରି ଭାବେ ବିଜୟ ମଙ୍ଗରାଜ, ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି, ସମିର ବରାଳ, ପଦ୍ମଚରଣ ପାଣିଗ୍ରାହୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ। ଏହି ମ୍ୟାଚରେ ଅତିଥି ଭାବେ ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ କୁମାର ଦାଶ, ଡିଏଭି ସ୍କୁଲର ଅଧ୍ୟକ୍ଷ ଏସ୍.ଏସ୍.ହକ୍, କ୍ରୀଡ଼ାବିତ ମହେନ୍ଦ୍ର ସିଂ ଭାଟିଆ, ବ୍ୟବସାୟୀ ବିନୋଦ ପ୍ରଧାନ, ଶ୍ରୀକାନ୍ତ ନାୟକ, ନିମାପଡ଼ା ଆଥଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ାବିତ ବିରେନ ବରାଳ, ଜିତେଶ କାନୁନଗୋ, ପ୍ରକାଶ ବରାଳ, ରଶ୍ମିରଞ୍ଜନ ପଣ୍ଡା, ପ୍ରକାଶ ସ୍ୱାଇଁ ପ୍ରମୁଖ ଏହି ମ୍ୟାଚ ସଂଯୋଜନା କରିଥିଲେ। ଏହି ଫୁଟବଲର ଫାଇନାଲ ରବିବାର ଅନୁଷ୍ଠିତ ହେବ। ଏହି ଫାଇନାଲ ମ୍ୟାଚ ଜଗା ୟୁନାଇଟେଡ କ୍ଲବ (ଭୁବନେଶ୍ୱର), ୟୁଏଫ୍‌ସି ଗଣ୍ଡରପୁର ଭୁବନେଶ୍ୱର ମଧ୍ୟରେ ହେବ।



ଅତିଥିଙ୍କ ଗହଣରେ ଦୁଇ ଦଳର ଖେଳାଳି ଓ ରେଫରିବୃନ୍ଦ।

## କଂଗ୍ରେସ ଭବନରୁ ଚୋରି

ଭୁବନେଶ୍ୱର, ୧୮।୧୧(ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ମାଷ୍ଟରକ୍ୟାଣ୍ଟିନସ୍ଥିତ କଂଗ୍ରେସ ଭବନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। କେହି ଦୁର୍ବୃତ୍ତ କଂଗ୍ରେସ ଭବନ ଭିତରେ ପଶି ଆସବାବପତ୍ର, ଷ୍ଟାବିଲାଇଜର, ତମ୍ବା ତାର ଚୋରି କରିନେଇଥିବା ଜଣାପଡ଼ିଛି। ଏନେଇ କଂଗ୍ରେସ ଭବନ ଅଫିସ୍ ଇନ୍‌ଚାର୍ଜ ବୈଦ୍ୟନାଥ ସ୍ୱାଇଁ ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି କ୍ୟାପିଟାଲ ଥାନା ପୋଲିସ ତଦନ୍ତ ଆରମ୍ଭ କରି ଦୁର୍ବୃତ୍ତଙ୍କୁ ଧରିବା ଲାଗି ଉଦ୍ୟମ ଚଳାଇଛି। ରାତିରେ କଡାକଡି ପାଟ୍ରୋଲିଂ କରିବାକୁ ଅଫିସ ପକ୍ଷରୁ ଅନୁରୋଧ କରାଯାଇଛି।

## ମଦଦୋକାନ ବନ୍ଦ ଦାବିରେ ଧାରଣା

ବାଲିପାଟଣା,୧୮।୧୧(ଡି.ଏନ୍.ଏ.)

ବାଲିପାଟଣା ଥାନା ଅଧୀନ ସରିପୁର ଛକରେ ଖୋଲିଥିବା ଠିପିଖୋଲା ମଦ ଦୋକାନ ବନ୍ଦ ଦାବିରେ ସ୍ଥାନୀୟ ମହିଳା ଗୋଷ୍ଠୀ ଶୁକ୍ରବାର ଦୋକାନ ସମ୍ମୁଖରେ ଧାରଣା ଦେଇଥିଲେ। ମହିଳାମାନେ ସରିପୁର ଛକରୁ ପ୍ଲାକାର୍ଡ ଧରି ଏକ ଶୋଭାଯାତ୍ରାରେ ବାହାରି ମଦ ଦୋକାନ ସମ୍ମୁଖରେ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଦେଇଥିଲେ। ଧାରଣାସ୍ଥଳକୁ କୌଣସି ପ୍ରଶାସନ ଅଧିକାରୀ ନ ଆସିବାରୁ ଏ ସଂକ୍ରାନ୍ତରେ ମହିଳାମାନେ ଖୋର୍ଦ୍ଧା ଜିଲାପାଳଙ୍କୁ ଲିଖିତ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ପ୍ରକାଶ ଯେ, ଅବକାଶ ରାଉଳ ଚିଠି ନମ୍ବର ୬୯/୨୦୨୨–୨୩ରେ ଦୋକାନ ଖୋଲିବାକୁ ସ୍ୱୀକୃତି ପାଇଥିବା କହିଛନ୍ତି।



ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ବାଘ ପାଇଁ ବନ ବିଭାଗ ନାକେଦମ୍

■ଗୁଜବ କହିଲା ବନ ବିଭାଗ
■ଭୟଭୀତ ନ ହେବାକୁ ପରାମର୍ଶ

ଖୋର୍ଦ୍ଧା ଅଫିସ,୧୮।୧୧

ଖୋର୍ଦ୍ଧା ବନାଞ୍ଚଳରେ ବାଘ ବୁଲୁଥିବା ନେଇ ଖବର ପ୍ରଚାରିତ ହେବା ପରେ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମବାସୀ ଭୟଭୀତ ହୋଇପଡିଛନ୍ତି। ଶୁକ୍ରବାର ବନାଞ୍ଚଳ ଅଧିକାରୀ ଜୟକୃଷ୍ଣ ପଣ୍ଡାଙ୍କ ନେତୃତ୍ୱରେ ଏକ ଟିମ୍ ଶରଧାପୁର, ଜରିପୁଟ, ତୋଟାପଡା, ବେରୁଆଁ ଆଦି ଜଙ୍ଗଲରେ ଦିନତମାମ ପଇଁତରା ମାରିବା ସହ ଖୋଜିଥିଲେ। ତେବେ ବାଘ ପାଇଁ ବନ ବିଭାଗକୁ ନାକେଦମ୍ ହେବାକୁ ପଡିଛି। ଏହା ଏକ ଗୁଜବ, ଏଥିରେ ଆତଙ୍କିତ ନ ହେବା ଲାଗି ବନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ଶରଧାପୁର ଗ୍ରାମର କେତେଜଣ ମହିଳା ଜଙ୍ଗଲରୁ ଜାଳେଣି କାଠ ନେଇ ଘରକୁ ଫେରୁଥିଲେ। ଜଙ୍ଗଲରେ ବାଘ ବୁଲୁଥିବା ନଜରକୁ ଆସିଥିବା ନେଇ ଗ୍ରାମରେ କହିଥିଲେ। ଏପରି କି ବାଘ ସେଠାରୁ ତୋଟାପଡା, ଭାଲିଆବାଡି ଅଞ୍ଚଳରେ ବୁଲୁଥିବା ନେଇ ଖବର ପ୍ରଚାରିତ ହେବା ପରେ ବନ ବିଭାଗର ଏକ ଟିମ୍ ରାତି ସାରା ଉକ୍ତ ଅଞ୍ଚଳରେ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ବନ ଅଧିକାରୀ ପଣ୍ଡା କୁହନ୍ତି, ଶରଧାପୁର ଜଙ୍ଗଲରେ ସମ୍ଭବତଃ ମହିଳାମାନେ ହେଟା କିମ୍ବା ବାଘୁଆକୁ ଦେଖି ବାଘ ବୋଲି ଧରି ନେଇଥିଲେ। ଏହି ଗ୍ରାମକୁ ଲାଗି କାଜୁ ଜଙ୍ଗଲ ରହିଛି। ଯେଉଁ ମହିଳା ଦେଖିଥିବା ଦାବି କରିଥିଲେ, ସେମାନେ ଏ ସମ୍ପର୍କରେ କୌଣସି ଠିକ୍ ତଥ୍ୟ ଦେଇପାରି ନ ଥିଲେ। ଏପରି କି ଗ୍ରାମବାସୀ ମଧ୍ୟ କେହି କିଛି କହିପାରି ନ ଥିଲେ। ଜଙ୍ଗଲରେ ବାଘର ପାଦଚିହ୍ନ ମଧ୍ୟ ନାହିଁ। ଏହି ବନାଞ୍ଚଳରେ ବାଘ ନ ଥିବା ବନ ଅଧିକାରୀ ପଣ୍ଡା ସ୍ପଷ୍ଟ କରିଛନ୍ତି। ଏହା ଏକ ସମ୍ପୂର୍ଣ୍ଣ ଭାବେ ଗୁଜବ। କେହି ଗ୍ରାମବାସୀ ଭୟଭୀତ ନ ହେବା ଲାଗି ସେ ପରାମର୍ଶ ଦେଇଛନ୍ତି।



## ସଂକ୍ଷେପରେ

### ସ୍ତ୍ରୀ ହତ୍ୟାକାରୀଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ

ଗୁଣପୁର,୧୮।୧୧(ଡି.ଏନ୍.ଏ.): ସ୍ତ୍ରୀଙ୍କୁ ହତ୍ୟା ମାମଲାରେ ରାୟଗଡ଼ା ଜିଲା ଗୁଣପୁର ଏଡିଜେ କୋର୍ଟରେ ଶୁକ୍ରବାର ରାୟ ପ୍ରକାଶ ପାଇଛି। ଅଭିଯୁକ୍ତ ସ୍ୱାମୀ ପାତ୍ର ଶବରଙ୍କୁ ଆଜୀବନ ସଶ୍ରମ କାରାଦଣ୍ଡ ଏବଂ ୧୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ଭିତ୍ତିକରି ଏଡିଜେ ମାନସ ରଞ୍ଜନ ରଥ ଏହି ରାୟ ପ୍ରକାଶ କରିଛନ୍ତି। ବିଚାରଣା ସମୟରେ ୧୩ ସାକ୍ଷ୍ୟ ଗ୍ରହଣ ସହ ୧୭ ଦସ୍ତାବିଜକୁ ଆଧାର କରି କୋର୍ଟ ତାଙ୍କ ରାୟ ଶୁଣାଇଛନ୍ତି। ମାମଲାରୁ ଜଣାଯାଏ, ୨୦୨୦ ଏପ୍ରିଲ ୧୭ ରେ ଝୁନୁ ଶବରଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଥିଲେ। ଏ ନେଇ ପୁଅ ମାଝି ଶବର ଗୁଣପୁର ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ପୋଲିସ ଘଟଣାର ତଦନ୍ତ କରିବା ସହ ପାତ୍ର ଶବରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ପରଠାରୁ ସେ ଗୁଣପୁର ଜେଲ ହାଜତରେ ଥିଲେ। ଏହି ମାମଲାର ବିଚାରଣା ଗୁଣପୁର ଏଡିଜେ କୋର୍ଟରେ ହୋଇଥିଲା। ସମସ୍ତ ସାକ୍ଷ୍ୟ, ପ୍ରମାଣକୁ ନେଇ ଅଭିଯୁକ୍ତ ପାତ୍ରଙ୍କ ବିରୋଧରେ ଏହି ରାୟ ପ୍ରକାଶ ପାଇଛି। ଜରିମାନା ଅନାଦେୟ ଅଧିକ ୩ ମାସ ଜେଲଦଣ୍ଡ ଭୋଗିବେ ବୋଲି କୋର୍ଟ ତାଙ୍କ ରାୟରେ ଉଲ୍ଲେଖ କରିଥିବା ସହକାରୀ ଓକିଲ ରାଜେନ୍ଦ୍ର ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ପାଇଁ ଷ୍ଟେଟ ଡିଫେନ୍ସ ଭାବେ ଗଣେଷ ସାହୁ ମାମଲା ପରିଚାଳନା କରୁଥିଲେ। ପାତ୍ର ଶବରଙ୍କ ଅନ୍ୟ ଜଣେ ମହିଳାଙ୍କ ସହ ସମ୍ପର୍କ ଥିବା ନେଇ ଦମ୍ପତିଙ୍କ ମଧ୍ୟରେ ଗଣ୍ଡଗୋଳ ଲାଗି ରହୁଥିଲା। ଉତ୍ତ୍ୟକ୍ତ ହୋଇ ପାତ୍ର ଶବର ତାଙ୍କ ସ୍ତ୍ରୀ ଝୁନୁଙ୍କ ମୁଣ୍ଡ, ମୁହଁ ଏବଂ ଛାତିରେ ଶକ୍ତ ଆଘାତ ଦେଇଥିଲେ। ଶେଷରେ ତାଙ୍କର ମୃତ୍ୟୁ ଘଟିଥିଲା।

### ଦାଦନ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

ବାରିପଦା ଅଫିସ,୧୮।୧୧- ଦାଦନ ଖଟିବାକୁ ଆନ୍ଧ୍ରପ୍ରଦେଶ ଯାଇଥିବା ମୟୂରଭଞ୍ଜ ଜିଲା ବାରିପଦା ସଦର ବ୍ଲକ ଶଙ୍ଖାଭଙ୍ଗା ପଞ୍ଚାୟତ ଅଧୀନ ବସନ୍ତପୁର ଗ୍ରାମର ଜଣେ ଯୁବକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ବେସାହାରା ହୋଇ ପଡ଼ିଥିବା ତାଙ୍କର ଦୁଇ ଭଉଣୀଙ୍କ ଥଇଥାନ ଦାବିରେ ଗ୍ରାମବାସୀ ମୃତଦେହ ରଖି ବିକ୍ଷୋଭ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସୂଚନା ଅନୁଯାୟୀ, ମା' ବାପାଙ୍କ ମୃତ୍ୟୁ ପରେ ୩ ଭଉଣୀଙ୍କ ପାଳନପୋଷଣ ପାଇଁ ବସନ୍ତପୁର ଗ୍ରାମର ଗୋପାଲ ହାଁସଦା ଆନ୍ଧ୍ରପ୍ରଦେଶ ରାଜ୍ୟ ଶ୍ରୀକାକୁଲମ ଜିଲା ମେଳିଆପୁଟି ଥାନା ଅଧୀନ ଦିନବନ୍ଧୁପୁରମସ୍ଥିତ ଭବାନୀ ଗ୍ରାନାଇଟ୍ ଫ୍ୟାକ୍ଟ୍ରିରେ ୩ବର୍ଷ ଧରି କାମ କରି ଆସୁଥିଲେ। ଗତ ୧୬ତାରିଖ ରାତିରେ ନାଇଟ୍ ଡ୍ୟୁଟି କରୁଥିବା ସମୟରେ ଅସାବଧାନତା ବଶତଃ ଏକ ପଥର ତାଙ୍କ ମୁଣ୍ଡ ଉପରେ ପଡ଼ିବାରୁ ସେ ଗୁରୁତର ହୋଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ କମ୍ପାନୀ କର୍ତ୍ତୃପକ୍ଷ ଏକ ସ୍ୱତନ୍ତ୍ର ଗାଡ଼ି ଯୋଗେ ଗୋପାଲଙ୍କ ମୃତଦେହ ପୈତୃକ ଗ୍ରାମକୁ ପଠାଇଥିଲେ। ଶୁକ୍ରବାର ମୃତଦେହ ଗାଁରେ ପହଞ୍ଚିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଲ୍ଲେଖଯୋଗ୍ୟ, ୩ବର୍ଷ କମ୍ପାନୀରେ କାର୍ଯ୍ୟ କରିବା ମଧ୍ୟରେ ଗୋପାଲ ତାଙ୍କ ବଡ଼ ଭଉଣୀଙ୍କ ବିବାହ କାର୍ଯ୍ୟ ସାରିଦେଇଥିଲେ। ଏବେ ତାଙ୍କର ଅନ୍ୟ ୧୧ ଓ ୮ ବର୍ଷର ଦୁଇ ଭଉଣୀ ବେସାହାରା ହୋଇପଡ଼ିଛନ୍ତି। ସେମାନଙ୍କୁ ଉଦ୍ଧାର କରି ଜିଲା ପ୍ରଶାସନ ସମସ୍ତ ଦାୟିତ୍ୱ ନେବାକୁ ସମିତିସଭ୍ୟା ପାର୍ବତୀ ହେମ୍ବ୍ରମ, ସୁବ୍ରମ ମହାନ୍ତ, ସପନ ଦେହୁରୀ ପ୍ରମୁଖଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

### ଇନ୍‌ଷ୍ଟାଗ୍ରାମ ପୋଷ୍ଟ କରି ନିର୍ବାଚନ ଡ୍ୟୁଟିରେ ଥିବା ଅଫିସର ବହିଷ୍କୃତ

ନୂଆଦିଲ୍ଲୀ,୧୮।୧୧: ଇନ୍‌ଷ୍ଟାଗ୍ରାମ ପୋଷ୍ଟ ପାଇଁ ଗୁଜରାଟ ନିର୍ବାଚନ ଡ୍ୟୁଟିରେ ଥିବା ଜଣେ ଆଇଏଏସ୍ ଅଫିସରଙ୍କୁ ବଡ଼ ମୂଲ୍ୟ ଦେବାକୁ ପଡ଼ିଛି। ଅଭିଷେକ ସିଂ ନାମକ ଏହି ଅଧିକାରୀଙ୍କୁ ନିର୍ବାଚନ କମିଶନ ବହିଷ୍କାର କରିଛନ୍ତି। ସେ ସାଧାରଣ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ ହେବା ସହ କାର୍ଯ୍ୟରେ ଯୋଗଦେଇଥିବା ସମ୍ପର୍କରେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ନିଜର ପ୍ରଚାର ପାଇଁ ସେ ପଦବୀର ଅପବ୍ୟବହାର କରିଥିବା ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାରେ କୁହାଯାଇଛି। ଉତ୍ତରପ୍ରଦେଶ କ୍ୟାଡର ଆଇଏଏସ୍ ଅଫଇସର ଅଭିଷେକଙ୍କୁ ଅହମଦାବାଦର ବାପୁନଗର ଏବଂ ଅସରୱା ଆସନ ପାଇଁ ସାଧାରଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଥିଲା।

# ବାରବାଟୀ, ୫ ମହାନଗରରେ ହକି ବିଶ୍ୱକପ୍ ଉତ୍ସବ

■ ରାଉରକେଲାରେ ମୋ ବସ୍, ବିମାନ ସେବା ଆରମ୍ଭ ହେବ
■ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ

ଭୁବନେଶ୍ୱର,୧୮।୧୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ରାଜ୍ୟ ମନ୍ତ୍ରୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ପୁରୁଷ ହକି ବିଶ୍ୱକପ୍ ପ୍ରତିଯୋଗିତା ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଭୁବନେଶ୍ୱର ଓ ରାଉରକେଲାଠାରେ ଏଫ୍ଆଇଏଚ୍ ପୁରୁଷ ବିଶ୍ୱକପ୍ ହକି-୨୦୨୩, ଜାନୁୟାରୀ ୧୩ରୁ ୨୯ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ବିଶ୍ୱର ୧୬ଟି ଦଳ ଅଂଶଗ୍ରହଣ କରିବେ। ଭୁବନେଶ୍ୱରରେ ୨୪ ମ୍ୟାଚ ଓ ରାଉରକେଲାରେ ୨୦ ମ୍ୟାଚ ଖେଳାଯିବ।

ଏହି ବୈଠକରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମନ୍ତ୍ରୀ ପରିଷଦର ସଦସ୍ୟମାନଙ୍କୁ ହକି ବିଶ୍ୱକପ୍ ଆୟୋଜନର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତିଯୋଗିତା ପାଇଁ ଭୁବନେଶ୍ୱରର କଳିଙ୍ଗ ହକି ଷ୍ଟାଡିୟମ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲାବେଳେ ରାଉରକେଲା ବିର୍ସାମୁଣ୍ଡା ହକି ଷ୍ଟାଡିୟମ ନଭେମ୍ବର ଶେଷ ସୁଦ୍ଧା ସମ୍ପୂର୍ଣ୍ଣ ହେବ ବୋଲି ସେ ସୂଚନା ଦେଇଥିଲେ। ଉଭୟ ଷ୍ଟାଡିୟମରେ ଆଷ୍ଟ୍ରୋଟର୍ଫ ଓ ଫ୍ଲଡ୍ ଲାଇଟ କାମ ଶେଷ ହୋଇଯାଇଛି। ଅଂଶଗ୍ରହଣକାରୀ ଦଳ ଓ ମ୍ୟାଚ ଅଫିସିଆଲମାନଙ୍କ ରହଣି ପାଇଁ ୨୨୫ଟି ରୁମ୍ ତିଆରି କାମ ଚାଲିଛି ଏବଂ ଏହା ମଧ୍ୟ ନଭେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ହେବ।

ଐତିହାସିକ କଟକ ବାରବାଟୀ ଷ୍ଟାଡିୟମ ସମେତ ୫ଟି ମ୍ୟୁନିସିପାଲ କର୍ପୋରେଶନରେ ହକି ବିଶ୍ୱକପ୍ ଉତ୍ସବ ପାଳନ କରାଯିବ। ଓଡ଼ିଶାର ଅଧିକାଂଶ ଜିଲା ସହିତ ସାରା ଦେଶରେ ଏହି ହକି ବିଶ୍ୱକପ୍ ଟ୍ରଫି ପ୍ରଦର୍ଶନ ଯାତ୍ରା କରାଯିବ। ଏହି ସମୟରେ ଜିଲାସ୍ତରରେ କ୍ରୀଡ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ବିକାଶ ପାଇଁ ବିଭିନ୍ନ ପ୍ରକାର ଉତ୍ସବର ଆୟୋଜନ କରାଯିବ। ସ୍କୁଲ, କଲେଜ ପିଲାମାନଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରାଯିବ। ସମସ୍ତଙ୍କ ଭିତରେ ବିଶେଷକରି ପିଲାମାନଙ୍କ ଭିତରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପଦକ୍ଷେପ ନିଆଯିବ। ପ୍ରତିଯୋଗିତା ଅନୁଷ୍ଠିତ ହେଉଥିବା ରାଉରକେଲା ଓ ଭୁବନେଶ୍ୱର ସହରର ସୌନ୍ଦର୍ଯ୍ୟକରଣ କରାଯିବ। ସବୁ ବିଭାଗ ଏଥିପାଇଁ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରୁଛନ୍ତି। ରାଉରକେଲା ବିମାନବନ୍ଦରରୁ ନିୟମିତ ବିମାନ ସେବା ଆରମ୍ଭ ହେବ। ଏଥିସହିତ ଖେଳାଳି ଓ ମ୍ୟାଚ ଅଫିସିଆଲମାନଙ୍କ ଯାତାୟାତ ପାଇଁ ଚାର୍ଟର୍ଡ ବିମାନ ବ୍ୟବସ୍ଥା କରାଯାଇଛି। ଏହି ଅବସରରେ ୧୦୦ଟି ନୂଆ ବସ୍ ସହିତ ରାଉରକେଲାରେ ମୋ ବସ୍ ସେବା ଆରମ୍ଭ ହେବ।

ଆୟୋଜକ କମିଟି ଓ ବିଭିନ୍ନ ସବ୍‌କମିଟି ବିଶ୍ୱକପ୍ ହକିର ସଫଳ ଆୟୋଜନ ପାଇଁ ପ୍ରସ୍ତୁତି ଜାରି ରଖିଛନ୍ତି। ଏହାକୁ ସମ୍ପୂର୍ଣ୍ଣ ଅଘଟଣମୁକ୍ତ କରିବା ପାଇଁ ନିରାପତ୍ତା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରାଯାଇଛି ବୋଲି ମୁଖ୍ୟ ଶାସନ ସଚିବ ମନ୍ତ୍ରିମଣ୍ଡଳକୁ ଅବଗତ କରାଇଛନ୍ତି।

ହକି ବିଶ୍ୱକପ୍ ଆୟୋଜନରେ ସାମିଲ ହୋଇଥିବା ସବୁ ବିଭାଗର ପଦକ୍ଷେପକୁ ମୁଖ୍ୟମନ୍ତ୍ରୀ ଉଚ୍ଚପ୍ରଶଂସା କରିଛନ୍ତି। ସମସ୍ତ କାର୍ଯ୍ୟ ନିର୍ଦ୍ଧାରିତ ସମୟରେ ଶେଷ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ହକି ବିଶ୍ୱକପ୍ ଯେଭଳି ବିଭିନ୍ନ ଟିମ୍ ଓ ପ୍ରଶଂସକମାନଙ୍କ ନିମନ୍ତେ ଏକ ଭବ୍ୟ ଉତ୍ସବ ଭାବରେ ସ୍ମରଣୀୟ ହୋଇରହିବ, ସେଥିପାଇଁ ପରସ୍ପର ମଧ୍ୟରେ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।




ବିଶ୍ୱ ପାଇଖାନା ଦିବସ ଅବ୍ୟବହିତ ପୂର୍ବରୁ ଶୁକ୍ରବାର ଶିଳ୍ପୀ ସୁଦାମ ପ୍ରଧାନ ପୁରୀ ବେଳାଭୂମିରେ ବାଲୁକା କଳା ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

# ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟରେ ରାଗିଂ



ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ

କେନ୍ଦୁଝର,୧୮।୧୧(ସ୍ୱ.ପ୍ର.)

ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ଏକ ସରକାରୀ ବିଦ୍ୟାଳୟ କ୍ୟାମ୍ପସ୍‌ରେ ଜଣେ ଛାତ୍ରୀଙ୍କୁ ରାଗିଂ ଘଟଣା ସାରା ରାଜ୍ୟରେ ଚର୍ଚ୍ଚା ଥମି ନ ଥିବା ବେଳେ କେନ୍ଦୁଝର ସଦରରେ ଥିବା ଓଡ଼ିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟର ବାଳକ ହଷ୍ଟେଲରେ ଜୁନିୟର ଛାତ୍ରମାନଙ୍କୁ ରାଗିଂ କରାଯାଇଥିବା ଅଭିଯୋଗ ହୋଇଛି। ସିନିୟର ଛାତ୍ରମାନେ ଜୁନିୟର ଛାତ୍ରଙ୍କୁ ଧମକ ଦେଇ ଗୀତ ଗାଇବା ସହ ନାଚିବାକୁ କହିଥିଲେ। ଏହି ଘଟଣା ଜଣାପଡ଼ିବା ପରେ ଅଧ୍ୟକ୍ଷ ଜ୍ଞାନ ରାୟ ର୍‍ୟାଗିଂ କମିଟିକୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ମୁତାବକ, ଗତ ଶୁକ୍ରବାର ରାତିରେ ବିଦ୍ୟାଳୟର ଖଣ୍ଡାଧାର ବାଳକ ହଷ୍ଟେଲର କେତେଜଣ ସିନିୟର ଛାତ୍ର ଜୁନିୟର ଛାତ୍ରଙ୍କୁ ଡାକି ସେମାନଙ୍କ ମନୋରଞ୍ଜନ କରିବାକୁ କହିଥିଲେ। ସେମାନେ ମନା କରିବାରୁ ଧମକାଇ ନାଚିବାକୁ ଓ ଗୀତ ଗାଇବାକୁ ବାଧ୍ୟ କରିଥିଲେ। ଏ ସମ୍ପର୍କରେ ଉକ୍ତ ଛାତ୍ରମାନେ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଜଣାଇବା ପରେ ତଦନ୍ତ ଆରମ୍ଭ ହୋଇଛି। ଅନ୍ୟପକ୍ଷରେ ଅଧ୍ୟକ୍ଷ ଅଧିକାଂଶ ଦିନ ଅନୁପସ୍ଥିତ ରହୁଥିବାରୁ ବିଶୃଙ୍ଖଳା ସୃଷ୍ଟି ହେଉଥିବା ଅଭିଯୋଗ ହେଉଛି। ଏପରିକି ଏବେ ଇଣ୍ଟରନାଲ ପରୀକ୍ଷା ଚାଲିଥିବା ସତ୍ତ୍ୱେ ଅଧ୍ୟକ୍ଷ ଅନୁପସ୍ଥିତ ରହୁଥିବାରୁ ପରୀକ୍ଷା ମଧ୍ୟ ଠିକ୍ ଭାବରେ ହୋଇପାରୁ ନ ଥିବାରୁ ଅଭିଭାବକମାନେ ଚିନ୍ତା ବ୍ୟକ୍ତ କରିଛନ୍ତି।

### ତଦନ୍ତ ନିର୍ଦ୍ଦେଶ ଦେଲେ ଅଧ୍ୟକ୍ଷ

ବିଦ୍ୟାଳୟ ଅଧ୍ୟକ୍ଷ ରାୟ କହିଛନ୍ତି ଯେ, ଏହା ରାଗିଂ ନୁହେଁ। ସିନିୟର ପିଲାମାନେ ଜୁନିୟର ପିଲାଙ୍କୁ ଡାକି ଗୀତ ଗାଇବା, ନାଚିବାକୁ କହିଥିଲେ। ତେବେ ଅଭିଯୋଗ ମିଳିବା ପରେ ୭ ଦିନ ମଧ୍ୟରେ ତଦନ୍ତ କରିବାକୁ କୁହାଯାଇଛି। ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେ ଏବେ ଘରୋଇ ସମସ୍ୟା କାରଣରୁ ଅନୁପସ୍ଥିତ ରହୁଛନ୍ତି। ତେବେ ପରୀକ୍ଷା ଠିକ୍ ଭାବରେ କରିବାକୁ କର୍ମଚାରୀଙ୍କୁ କହିଛନ୍ତି। କିଛି ଅସୁବିଧା ହେଲେ ପୁନଃ ପରୀକ୍ଷା କରାଯିବ ବୋଲି ସେ କହିଛନ୍ତି।

# ବ୍ୟାସନଗର ପୌରାଧ୍ୟକ୍ଷାଙ୍କ ବହିଷ୍କାର ଦାବିକଲା କଂଗ୍ରେସ

ଯାଜପୁର ରୋଡ୍, ୧୮।୧୧(ଡି.ଏନ୍.ଏ.)

ବ୍ୟାସନଗର ପୌରପାଳିକା ନିର୍ବାହୀ ଅଧିକାରୀ ଅଶୋକ କୁମାର ରାଉତଙ୍କ ଉପରକୁ ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ ଫାଇଲ ଫୋପାଡ଼ିବା ଘଟଣାକୁ ନେଇ ଭାଜପା ଗୁରୁବାର ଯାଜପୁର ରୋଡ୍ ଥାନାରେ ଏତଲା ଦେଇଥିଲା। ପୌରାଧ୍ୟକ୍ଷାଙ୍କୁ ଗିରଫ କରାଯିବାକୁ ଭାଜପା ଦାବି କରିଥିଲା। ବ୍ୟାସନଗର କଂଗ୍ରେସ ଶୁକ୍ରବାର ପୌରାଧ୍ୟକ୍ଷାଙ୍କୁ ବହିଷ୍କାର ଏବଂ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ବ୍ୟାସନଗର ନଗର କଂଗ୍ରେସ ସଭାପତି ଦିଲୀପ ମଲ୍ଲିକଙ୍କ ସଭାପତିତ୍ୱରେ ଶତାଧିକ କଂଗ୍ରେସ ନେତା ଏକ ଶୋଭାଯାତ୍ରାରେ ଆସି କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ ଅଫିସରେ ପହଞ୍ଚି ଦାବିପତ୍ର ପ୍ରଦାନ କରିବା ସହିତ ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ, ନଗର ଉନ୍ନୟନ ସଚିବଙ୍କ ଉଦ୍ଦେଶ୍ୟରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଯାଇଛି। କଂଗ୍ରେସର ଅଭିଯୋଗ ମୁତାବକ ୮ ମାସ ହେବ ପୌରାଧ୍ୟକ୍ଷା ନିର୍ବାଚିତ ହେବାପରେ ବ୍ୟାସନଗର ବିକାଶ ବାଟବଣା ହୋଇଛି। ନିଜ ଅଧୀନ ଅଧିକାରୀ ରାଉତଙ୍କ ମାଧ୍ୟମରେ ଦୁର୍ନୀତି କରାଇବାର ପ୍ରୟାସ କରି ବିଫଳ ହେବାପରେ ବିଭିନ୍ନ ସମୟରେ ତାଙ୍କୁ ପୌରାଧ୍ୟକ୍ଷା ପିଙ୍ଗୁଆ ଦୁର୍ବ୍ୟବହାର କରିଛନ୍ତି। ବ୍ୟାସନଗରରେ ଥିବା ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏଥିରେ ସୁଧାର ଆଣିବାକୁ ନିର୍ବାହୀ ଅଧିକାରୀ ଉଦ୍ୟମ କରିବା ପରେ ପରିମଳ ବ୍ୟବସ୍ଥାରେ ପିସି କାରବାର ଚାଲୁଥିବା ଏବଂ କାର୍ଯ୍ୟରତ ଶ୍ରମିକଙ୍କଠାରୁ ଅଧିକ ଶ୍ରମିକଙ୍କ ବିଲ୍ କରାଯାଉଥିବା ତଥ୍ୟ ପାଇଥିଲେ। ତାହାର ମୂଳୋତ୍ପାଟନ ନିମନ୍ତେ ରାଉତ ସଫେଇ କର୍ମଚାରୀଙ୍କ ନିମନ୍ତେ ବାୟୋମେଟ୍ରିକ ଉପସ୍ଥାନ ବ୍ୟବସ୍ଥା କରିବା ପରେ ପୌରାଧ୍ୟକ୍ଷା ଏବଂ ପାରିଷଦମାନେ ଉତ୍‌କ୍ଷିପ୍ତ ହୋଇ ଗାଳିଗୁଲଜ କରିଥିଲେ। ଏକ ମୋବାଇଲ ଟାୱାର ଅନୁମତି ପ୍ରଦାନରେ ପୌରାଧ୍ୟକ୍ଷାଙ୍କ ଭାଗ ନ ମିଳିବାରୁ ଫାଇଲ ଫିଙ୍ଗା ହୋଇଥିବା କଂଗ୍ରେସ ଅଭିଯୋଗ କରିଛି। ଦାବିପତ୍ର ପ୍ରଦାନ କାର୍ଯ୍ୟକ୍ରମରେ ଦଳ ପକ୍ଷରୁ ରାଜ୍ୟ ମହିଳା ସଭାନେତ୍ରୀ ବନ୍ଦିତା ପରିଡା, ପୂର୍ବତନ ନଗରପାଳ ପ୍ରମୋଦ ପରିଡ଼ା, ଜିଲା ସଭାନେତ୍ରୀ ରିତାଶ୍ରୀ ମହାନ୍ତି, କାଉନସିଲର ଅରୁନ୍ଧତୀ ପରିଡ଼ା, ରବୀନ୍ଦ୍ର ରାଉତ, ରାଜ୍ୟ କୋଷାଧ୍ୟକ୍ଷ ନିର୍ମଳା ମଲ୍ଲିକ, ନାରାୟଣ ଚନ୍ଦ୍ର ନାୟକ, ସୁରେନ୍ଦ୍ର କୁମାର ନାୟକ, ଅନୁପ କୁମାର ନାୟକ, ଜ୍ୟୋତିସ୍ମିତା ରାଉତ, ପ୍ରଭାତ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ।

# ଦୁଇ ସନ୍ତାନ ନୀତି: ସୁପ୍ରିମକୋର୍ଟରେ ହେବ ନାହିଁ ଶୁଣାଣି

ନୂଆଦିଲ୍ଲୀ, ୧୮।୧୧

ଦେଶରେ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ଦୁଇ-ସନ୍ତାନ ନୀତି ଲାଗୁ କରାଇବା ସକାଶେ ଦାଖଲ ଏକାଧିକ ପିଟିଶନ୍‌ର ଶୁଣାଣି କରିବାକୁ ଶୁକ୍ରବାର ସୁପ୍ରିମକୋର୍ଟ ମନା କରିଛନ୍ତି। ଏହା ଆମ କାମ ନୁହେଁ, କେନ୍ଦ୍ରସରକାର ଏ ନେଇ ବିଚାର କରିବେ ବୋଲି ଜଷ୍ଟିସ୍ ଏସ୍.କେ କୌଲ ଏବଂ ଏ.ଏସ୍. ଓକାଙ୍କ ଖଣ୍ଡପୀଠ କହିଛନ୍ତି। ଦୁଇ ସନ୍ତାନ ନୀତି ବଳରେ ଜନସଂଖ୍ୟା ନିୟନ୍ତ୍ରଣ ସକାଶେ କେତେକ ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯାଉ ବୋଲି ଆଇନଜୀବୀ ଅଶ୍ୱିନୀ କୁମାର ଉପାଧ୍ୟାୟ ଦିଲ୍ଲୀ ହାଇକୋର୍ଟରେ ଆବେଦନ କରିଥିଲେ। ହାଇକୋର୍ଟ ତାଙ୍କ ପିଟିଶନ୍‌କୁ ଖାରଜ କରିବା ପରେ ଅଶ୍ୱିନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ପ୍ରସଙ୍ଗରେ ଲ' କମିଶନଙ୍କ ଏକ ରିପୋର୍ଟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ। ଏହା ଉପରେ ଶୀର୍ଷ ଅଦାଲତ ଶୁଣାଣି କରିବେ ନାହିଁ ବୋଲି ଖଣ୍ଡପୀଠ କହିବା ପରେ ସେ ନିଜ ଆବେଦନ ପ୍ରତ୍ୟାହାର କରିଛନ୍ତି। ଅଶ୍ୱିନୀଙ୍କ ସହ ଏହି ପ୍ରସଙ୍ଗରେ ଆଉ କେତେଜଣ ଆବେଦନକାରୀଙ୍କ ପିଟିଶନ୍‌ର ଶୁଣାଣି କରିବାକୁ ଖଣ୍ଡପୀଠ ମନା କରିବାରୁ ସେମାନଙ୍କ ଓକିଲମାନେ ମଧ୍ୟ ମାମଲାରୁ ଓହରିଯାଇଛନ୍ତି। ଆଇନ ପ୍ରଣୟନରେ ଆମେ କପିରି ହସ୍ତକ୍ଷେପ କରିବୁ? ବୋଲ ଏହି ପରିପ୍ରେକ୍ଷୀରେ ଖଣ୍ଡପୀଠ ପ୍ରଶ୍ନ କରିଥିଲେ।

# ସୁପ୍ରିମକୋର୍ଟଙ୍କ ଭାଷା ହିନ୍ଦୀ ନୁହେଁ, ଇଂଲିଶ

ନୂଆଦିଲ୍ଲୀ, ୧୮।୧୧(ପି.ଟି.)

ସୁପ୍ରିମକୋର୍ଟଙ୍କ ଭାଷା ହିନ୍ଦୀ ନୁହେଁ। କୋର୍ଟ ରୁମ୍‌ରେ ଶୁଣାଣିବେଳେ ହିନ୍ଦୀରେ ଯୁକ୍ତି ବାଢ଼ିବା ଗ୍ରହଣୀୟ ନୁହେଁ। କେବଳ ଇଂଲିଶ ଭାଷାରେ ଜବାବ ସୁଆଲ ଓ ଅନ୍ୟ ଆଇନଗତ ପ୍ରକ୍ରିୟା ଚାଲିବ ବୋଲି ଶୁକ୍ରବାର ଜଷ୍ଟିସ୍ କେ.ଏମ୍. ଜୋସେଫ୍ ଏବଂ ହୃଷିକେଷ ରାୟଙ୍କ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି। ରାଜସ୍ଥାନର ଶଙ୍କରଲାଲ ଶର୍ମା ନାମକ ଜଣେ ମକଦ୍ଦମାକାରୀ ସୁପ୍ରିକକୋର୍ଟରେ ନିଜ ମାମଲା ନିଜେ ଲଢୁଛନ୍ତି। ଶୁଣାଣି ସମୟରେ କୋର୍ଟରୁମ୍‌ରେ ସେ ହିନ୍ଦୀରେ ଯୁକ୍ତି ଉପସ୍ଥାପନ କରିବାବେଳେ ଖଣ୍ଡପୀଠ କିଛି ବୁଝିପାରି ନ ଥିଲେ। ଖଣ୍ଡପୀଠ ତାଙ୍କୁ ଅଟକାଇ କହିଥିଲେ, ସର୍ବୋଚ୍ଚ ଅଦାଲତଙ୍କ ଭାଷା ହିନ୍ଦୀ ନୁହେଁ, ବରଂ ଇଂଲିଶ। କେସ୍ ଫାଇଲ୍ ପଢ଼ି ଜଷ୍ଟିସ୍ ଜୋସେଫ କହିଥିଲେ ଯେ, ମାମଲା ବହୁତ ସଙ୍ଗିନ। କିନ୍ତୁ ଆପଣ ଯାହା କହୁଛନ୍ତି ତାହା ସ୍ପଷ୍ଟ ଭାବେ ବୁଝିହେଉ ନାହିଁ। ଆପଣ ଚାହିଁଲେ ମାମଲା ପରିଚାଳନା ପାଇଁ ଜଣେ ଓକିଲଙ୍କୁ ନିଯୁକ୍ତ କରାଯିବ। ଏହାପରେ ଅତିରିକ୍ତ ସଲିସିଟର ଜେନେରାଲ ମାଧବୀ ଦିବାନ ଶଙ୍କରଲାଲଙ୍କୁ ଖଣ୍ଡପୀଠ ଯାହା କହିଥିଲେ ତାକୁ ଅନୁବାଦ କରି ବୁଝାଇଲେ। ମାମଲା ଲଢ଼ିବା ପାଇଁ ଆଇନଗତ ସହାୟତା ନେବାକୁ ଶଙ୍କରଲାଲ ରାଜି ହୋଇଥିଲେ। ଶଙ୍କରଲାଲଙ୍କ ପଛ ସିଟ୍‌ରେ ବସିଥିବା ଜଣେ ଓକିଲଙ୍କୁ ମାଗଣାରେ ଏହି ମାମଲା ଲଢ଼ିବା ପାଇଁ ଖଣ୍ଡପୀଠ ପ୍ରସ୍ତାବ ଦେଇଥିଲେ। ଏଥିରେ ସମ୍ପୃକ୍ତ ଓକିଲ ଜଣକ ରାଜି ହୋଇଥିଲେ। ଶଙ୍କରଲାଲଙ୍କ ମାମଲାର ପରବର୍ତ୍ତୀ ଶୁଣାଣି ଡିସେମ୍ବର ୪ରେ କରାଯିବ।

# ଦୈନିକ ୧୦ ଟ୍ରାନ୍ସଫର, ଜାମିନ ଆବେଦନର ଶୁଣାଣି ହେବ: ସିଜେଆଇ

ନୂଆଦିଲ୍ଲୀ,୧୮।୧୧

ସୁପ୍ରିମକୋର୍ଟଙ୍କ ସମସ୍ତ ଖଣ୍ଡପୀଠ ଦୈନିକ ୧୦ଟି ଟ୍ରାନ୍ସଫର ପିଟିଶନ ଏବଂ ୧୦ଟି ଜାମିନ ଆବେଦନର ଶୁଣାଣି କରିବେ ବୋଲି ଶୁକ୍ରବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଡି.ୱାଇ. ଚନ୍ଦ୍ରଚୂଡ଼ କହିଛନ୍ତି। ପୂରା କୋର୍ଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଡିସେମ୍ବର ୧୭ ଶୀତଦିନିଆ ଅବକାଶ ପୂର୍ବରୁ ସମସ୍ତ ବକେୟା ଟ୍ରାନ୍ସଫର ମାମଲାର ବିଚାର ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପ୍ରାୟ ୩,୦୦୦ ଟ୍ରାନ୍ସଫର ପିଟିଶନ ବିଚାର ଅପେକ୍ଷାରେ ରହିଛି। ସେଥିପାଇଁ ପ୍ରତିଦିନ ପ୍ରତ୍ୟେକ ବେଞ୍ଚ୍ ୧୦ଟି ଲେଖାଏ ପିଟିଶନ ଶୁଣାଣି କଲେ ଦିନକୁ ୧୩୦ ଓ ସପ୍ତାହକୁ ୬୫୦ ମାମଲାର ଶୁଣାଣି ଶେଷ ହେବ। ଫଳରେ ଶୀତ ଅବକାଶ ପୂର୍ବରୁ ୫ ସପ୍ତାହ ମଧ୍ୟରେ ସବୁ ଟ୍ରାନ୍ସଫର ପିଟିଶନ ଶୁଣାଣି ହୋଇପାରିବ ବୋଲି ସିଜେଆଇ କହିଛନ୍ତି। ସେହିପରି ଜାମିନ ମାମଲାକୁ ପ୍ରାଥମିକତା ଦେଇ ଦୈନିକ ୧୦ ମାମଲା ଶୁଣାଣି କରିବାକୁ ଜଷ୍ଟିସ ଚନ୍ଦ୍ରଚୂଡ଼ କହିଛନ୍ତି।

# ପଞ୍ଜାବରେ ପୁରୁଣା ପେନ୍‌ସନ ଯୋଜନାକୁ କ୍ୟାବିନେଟ ମଞ୍ଜୁରୀ

ଚଣ୍ଡିଗଡ଼,୧୮।୧୧

ଗୁଜରାଟରେ ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପୂର୍ବରୁ ପଞ୍ଜାବ କ୍ୟାବିନେଟ ଶୁକ୍ରବାର ପୁରୁଣା ପେନ୍‌ସନ ଯୋଜନା (ଓପିଏସ୍) ପୁନର୍ବାର ଲାଗୁ କରିବା ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି। ଖୁବ୍ ଶୀଘ୍ର ଏହା ଉପରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ମୁଖ୍ୟମନ୍ତ୍ରୀ ଭଗୱନ୍ତ ମାନ୍ ଗଣମାଧ୍ୟମକୁ କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି କ୍ଷମତାକୁ ଆସିଲେ ଓପିଏସ୍ କାର୍ଯ୍ୟକାରୀ କରାଯିବ ବୋଲି ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲା। ଗୁଜରାଟରେ ମଧ୍ୟ ଏଏପି ପୁରୁଣା ପେନ୍‌ସନ ସ୍କିମ୍‌କୁ ନିର୍ବାଚନୀ ଥୋପ କରିଛି।

# ସୁଟ୍‌କେସ୍‌ରୁ ଯୁବତୀଙ୍କ ମୃତଦେହ ଜବତ

ଲକ୍ଷ୍ନୌ/ଜୟପୁର, ୧୮।୧୧

ଉତ୍ତର ପ୍ରଦେଶ ମଥୁରାର ଯମୁନା ଏକ୍ସପ୍ରେସ୍‌ୱେରେ ଏକ ସୁଟ୍‌କେସ୍‌ରୁ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ଯୁବତୀଙ୍କ ପରିଚୟ ମିଳିପାରି ନ ଥିବବେଳେ ତାଙ୍କ ବୟସ ୨୧ରୁ ୨୨ ବର୍ଷ ହୋଇଥିବା ପୋଲିସ କହିଛି। ମୃତଦେହକୁ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଛି। ଶୁକ୍ରବାର ରାଜସ୍ଥାନର ଉଦୟପୁର ଜିଲା ଉମ୍ରେଶ୍ୱର ମହାଦେବ ଜଙ୍ଗଲରେ ଗୋଗୁଡ଼ା ପୋଲିସକୁ ଉଲଗ୍ନ ଅବସ୍ଥାରେ ପୁରୁଷ ଓ ମହିଳାଙ୍କ ମୃତଦେହ ମିଳିଛି। ଫୋରେନ୍ସିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ପୁରୁଷଙ୍କ ଯୌନାଙ୍ଗ କାଟିଦିଆଯାଇଥିବାବେଳେ ଏହା ଏକ ପ୍ରେମବ୍ୟାପାର ଜନିତ ହତ୍ୟା ହୋଇଥିବା ପୋଲିସ ସନ୍ଦେହ କରୁଛି।

# ଲିଭ୍‌ଇନ୍ ପାର୍ଟନରଙ୍କୁ ପ୍ରଥମେ ଦେଖିଥିଲେ ପ୍ଲମ୍ବର

### ଶ୍ରଦ୍ଧା ହତ୍ୟା ମାମଲା

ନୂଆଦିଲ୍ଲୀ, ୧୮।୧୧

ରାଜଧାନୀ ଦିଲ୍ଲୀର ବହୁଚର୍ଚ୍ଚିତ ଶ୍ରଦ୍ଧା ହତ୍ୟା ମାମଲାର ଯାଞ୍ଚ ପୋଲିସ ପକ୍ଷରୁ କଡ଼ାକଡ଼ି ଭାବେ ଚାଲିଛି। ଘଟଣା ଯେତେ ପୁରୁଣା ହେଉଛି ମାମଲା ନେଇ ନୂଆ ତଥ୍ୟ ସବୁ ସାମ୍ନାକୁ ଆସିବାରେ ଲାଗିଛି। ବର୍ତ୍ତମାନ ସୁଦ୍ଧା ଫ୍ଲାଟର ଆଖପାଖ କୌଣସ ବ୍ୟକ୍ତି ଦୁହିଁଙ୍କୁ ଏକାଠି ଦେଖି ନ ଥିବା କହିଆସୁଥିବାବେଳେ ଦିଲ୍ଲୀ ଛତରପୁରର ଜଣେ ପ୍ଲମ୍ବର (ପାଣି ପାଇପ୍ ମିସ୍ତ୍ରି) ରାଜେଶ ଫ୍ଲାଟରେ ଶ୍ରଦ୍ଧା ଓ ଅଫ୍‌ତାବଙ୍କୁ ଏକାଠି ଦେଖିଥିବା କହିଛନ୍ତି। ଖରାଦିନେ ଅଫତାବ୍ ଓ ଶ୍ରଦ୍ଧା ଦିଲ୍ଲୀସ୍ଥିତ ନୂଆ ଫ୍ଲାଟକୁ ଶିଫ୍ଟ ହୋଇଥିଲେ। ସେମାନେ ଏକାଠି ବେଶ୍ ଖୁସିଥିବା ସହ ହାତ ଧରାଧରି ହୋଇ ଯାଉଥିବାର ରାଜେଶ ଦେଖିଥିବା କହିଛନ୍ତି। ଅନ୍ୟଏକ ଦିନ ବିଲ୍ଡିଂରେ ପାଣି ମୋଟର କିପରି ଅନ୍ କରାଯିବ ସେ ବିଷୟରେ ଅଫତାବ ରାଜେଶଙ୍କୁ ପଚାରି ବୁଝିଥିବା ସେ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଙ୍କ ହତ୍ୟାପରେ ରକ୍ତଛିଟା ଲାଗିଥିବା କପଡ଼ାସବୁ ଅଫତାବ ଯେଉଁ ଅଳିଆ ବୁହା ଗାଡ଼ିରେ ଫୋପାଡ଼ିଥିଲେ ସେ ଗାଡ଼ିକୁ ପୋଲିସ ଚିହ୍ନଟ କରିଛି। ଫ୍ଲାଟର ମାଲିକ ମଧ୍ୟ ଯାଞ୍ଚ ପରିସରକୁ ଆସିଛନ୍ତି। ଦିଲ୍ଲୀ ଆସିବା ପରେ ଅଫତାବ ଏବଂ ଶ୍ରଦ୍ଧା ହିମାଚଳ ପ୍ରଦେଶ ଓ ଅରୁଣାଚଳ ପ୍ରଦେଶ ଭଳି ବହୁ ଜାଗା ଏକାଠି ଯାଇଥିବାବେଳେ ସେସବୁ ସ୍ଥାନରୁ ପୋଲିସ ଯାଇ ଯାଞ୍ଚ କରିବ ବୋଲି କହିଛି। ଅଫତାବଙ୍କ ନାର୍କୋ ଆନାଲିସିସ୍ ଟେଷ୍ଟ ପାଇଁ ଅନୁମତି ଦିଆଯାଇଛି। ତେବେ ଏହାକୁ ୫ ଦିନ ମଧ୍ୟରେ ଶେଷ କରିବା ଲାଗି ଦିଲ୍ଲୀର ଏକ କୋର୍ଟ ଶୁକ୍ରବାର କହିଛନ୍ତି। ଶ୍ରଦ୍ଧାଙ୍କ ହ୍ୱାଟ୍ସଆପ୍ ମେସେଜ୍‌କୁ ନେଇ ଯାଞ୍ଚ ଆଗକୁ ବଢ଼ୁଥିବାବେଳେ ଶ୍ରଦ୍ଧାଙ୍କ ମୁହଁରେ ବହୁ କ୍ଷତଚିହ୍ନ ଥିବା ଏକ ଫଟୋ ପୋଲିସର ହସ୍ତଗତ ହୋଇଛି।





## ସଂକ୍ଷେପରେ

### ଟେଣ୍ଟ ହାଉସ ସାମଗ୍ରୀ ଜବତ: ଅଭିଯୁକ୍ତ ଗିରଫ

ଜଟଣୀ,୧୮।୧୧(ଡି.ଏନ୍.ଏ.): ଟେଣ୍ଟ ହାଉସ୍ ସାମଗ୍ରୀ ଚୋରି ଅଭିଯୋଗରେ ଜଟଣୀ ଥାନା ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେ ହେଲେ ବାଛରାପାଟଣା ବୁଣାସାହିର ଅନନ୍ତ ଓରଫ ବିଭୁତି ଦାସ (୩୩)। ଏଥିସହ ତାଙ୍କ ନିକଟରୁ ଚୋରି ସାମଗ୍ରୀ ଜବତ ହୋଇଛି। ସୂଚନା ମୁତାବକ, ଗତ ୧୫ତାରିଖରେ ବିକାଶ ନଗରର କବି ନାରାୟଣ ମହାନ୍ତି ନିଜ ଘରୁ ଟେଣ୍ଟ ହାଉସ ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ସେଠାରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବା ପରେ ଚୋରି କରିଥିବା ଯୁବକଙ୍କୁ ଚିହ୍ନି ପାରିଥିଲେ। ଏନେଇ କବି ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ. ୪୪୧/୨୨)ରୁଜୁକରି ଗୁରୁବାର ଅଭିଯୁକ୍ତଙ୍କୁ ଧରିଥିଲା। ଚୋରି କରିଥିବା ଅଭିଯୁକ୍ତ ଅନନ୍ତ ସ୍ୱୀକାର କରିଥିଲା। ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ଜଟଣୀ ଥାନାରେ ୪ଟି ଏବଂ ଖଣ୍ଡଗିରି ଥାନାରେ ଗୋଟିଏ ମାମଲା ରହିଥିବା ପୋଲିସ କହିଛି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

କୃଷ୍ଣପ୍ରସାଦ,୧୮।୧୧(ଡି.ଏନ୍.ଏ.): ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ମାଲୁଦ ପଞ୍ଚୁଦୋଳ ପଡିଆରେ ଶୁକ୍ରବାର କୃଷ୍ଣପ୍ରସାଦ ସାମାଜିକକର୍ମୀ ସଙ୍ଗଠନ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଦାନ୍ତ, ଚକ୍ଷୁ, କର୍କଟ ରୋଗର ବିଶେଷଜ୍ଞମାନେ ଯୋଗଦେଇ ରୋଗୀଙ୍କ ଚିକିତ୍ସା କରିଥିଲେ। ସଙ୍ଗଠନର ଭରତ ବେହେରାଙ୍କ ନେତୃତ୍ୱରେ ଆୟୋଜିତ ଶିବିରରେ ମନୋଜ ବିଶ୍ୱାଳ, ରାଜ କିଶୋର ନାୟକ, ବିଷ୍ଣୁପ୍ରସାଦ ବେହେରା, କାଳୁ ପଲାଇ, ଲକ୍ଷ୍ମଣ ବେହେରା, ମିଥୁନ ବେହେରା ପ୍ରମୁଖ ଯୋଗଦେଇଥିଲେ। ଚକ୍ଷୁ ବିଶେଷଜ୍ଞ ଡା. ରାଜେନ୍ଦ୍ର ବେହେରା ୭୫ ଜଣଙ୍କ ଆଖି ପରୀକ୍ଷା କରିଥିଲେ। ସେହିପରି ଡା. ସତ୍ୟନାରାୟଣ ପ୍ରଧାନ ୪୫ଜଣଙ୍କ ଦାନ୍ତ ପରୀକ୍ଷା କରି ପରାମର୍ଶ ଦେବା ସହ ଔଷଧ ପ୍ରଦାନ କରିଥିଲେ। କର୍କଟ ରୋଗ ବିଶେଷଜ୍ଞ ଡା. ସରୋଜ ଦାସ ୧୦ଜଣ କର୍କଟ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିସହ ଏକ ସଚେତନତା ଶିବିର ମାଧମରେ କର୍କଟ ରୋଗର କାରଣ, ନିରାକରଣ ଏବଂ ସତର୍କତା ଉପରେ କହିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

ଗମ୍ଭାରୀମୁଣ୍ଡା,୧୮।୧୧(ଡି.ଏନ୍.ଏ.): ବାଣପୁର ବ୍ଲକ ଅନ୍ତର୍ଗତ ଘାସଡିହ ଗ୍ରାମବାସୀଙ୍କ ମିଳିତ ଆନୁକୂଲ୍ୟରେ ଭାଟପଡା ଅଞ୍ଚଳର ବାବା ଗ୍ରାମେଶ୍ୱର ଦେବ, ମା'ରାମଚଣ୍ଡୀଙ୍କ ପୀଠରେ ଚାରିଦିନ ଧରି ଚାଲିଥିବା ବିଶ୍ୱଶାନ୍ତି ମହାଯଜ୍ଞ ଶୁକ୍ରବାର ଉଦ୍ଯାପିତ ହୋଇଯାଇଛି। ଗତ ମଙ୍ଗଳବାର ଅଙ୍କୁରାରୋପଣ, ବୁଧବାର କର୍ମାରମ୍ଭ ଓ କଳସ ଯାତ୍ରା, ଗୁରୁବାର ଆହୁତି ପ୍ରଦାନ, ଶୁକ୍ରବାର ପୂର୍ଣ୍ଣାହୂତି ହୋଇଥିଲା। ଶତାଧିକ ଜନସମାଗମକୁ ଦୃଷ୍ଟିରେ ରଖି ଗ୍ରାମ୍ୟ କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଘାସଡିହର ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

# 'ସାଧାରଣ ବଣ୍ଟନ ବ୍ୟବସ୍ଥା ସୁବ୍ୟବସ୍ଥିତ କର'

**ଖୋର୍ଦ୍ଧା ଅଫିସ,୧୮।୧୧**


ସମୀକ୍ଷା ବୈଠକରେ ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେର୍କାପ, ଜିଲାପାଳ ଏବଂ ଅନ୍ୟ ଅଧିକାରୀ।

**ରାଜ୍ୟ ଖାଦ୍ୟ କମିଶନରଙ୍କ ଖୋର୍ଦ୍ଧା ଗସ୍ତ**

ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ କୁମାର ମେର୍କାପ ଶୁକ୍ରବାର ଖୋର୍ଦ୍ଧା ଗସ୍ତରେ ଆସି ଜାତୀୟ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ବିଭିନ୍ନ ସାମାଜିକ ଯୋଜନାର ସମୀକ୍ଷା କରିଛନ୍ତି। ସାଧାରଣ ବଣ୍ଟନ ସୁବ୍ୟବସ୍ଥିତ, ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ ଉପରେ ଗୁରୁତ୍ୱ ଦେଇଥିଲେ। ଜିଲାରେ ଗର୍ଭବତୀ ଓ ପ୍ରସୂତିଙ୍କ ତଥ୍ୟ, ସେମାନଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ସମ୍ପୂର୍ଣ୍ଣ ଖବର ରଖିବାକୁ ଆଶା ଓ ଅଙ୍ଗନୱାଡି କର୍ମୀଙ୍କୁ ଦାୟିତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ସରକାରୀ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନର ମାନ ଉପରେ ଗୁରୁତ୍ୱ ଦେବାକୁ କହିଥିଲେ। ପରେ ବିଜେବି ହାଇସ୍କୁଲର ପୂର୍ବତନ ଛାତ୍ରମାନଙ୍କ ସହ ବୈଠକରେ ଯୋଗଦେଇ ମୋ ସ୍କୁଲ ଅଭିଯାନ ସମ୍ପର୍କରେ ଆଲୋଚନା କରିଥିଲେ। ଖୋର୍ଦ୍ଧା ପୌରପାଳିକା ବିଭିନ୍ନ ସାଧାରଣ ବଣ୍ଟନ ଖୁଚୁରା କେନ୍ଦ୍ରକୁ ଗସ୍ତ କରି ରେକର୍ଡପତ୍ର ଯାଞ୍ଚ କରିଥିଲେ। ସେଠାରୁ ପଲ୍ଲା-୨ ଅଙ୍ଗନୱାଡି କେନ୍ଦ୍ର, ମଳିପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ଖାଦ୍ୟ ମାନ ଯାଞ୍ଚ କରିଥିଲେ। ଗୋଡିପଡା ପଞ୍ଚାୟତ ସ୍ତରୀୟ ସ୍ୱୟଂ ସହାୟକ ଗୋଷ୍ଠୀ ସଂଘର ସାମଗ୍ରୀ ଉତ୍ପାଦ କେନ୍ଦ୍ର ବୁଲି ଦେଖିଥିଲେ।

ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲାପାଳ କେ.ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଖାଦ୍ୟ କମିଶନ ସଦସ୍ୟ ସଚିବ ଶିବାନୀ ମହାନ୍ତି, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା.ଆର୍ତ୍ତବନ୍ଧୁ ନାୟକ, ବିଡିଓ କ୍ଷିରାବ୍ଧି ତନୟା ସାହୁ, ଜିଲା ଯୋଗାଣ ଅଧିକାରୀ ସୁଗୁଡା ମୁର୍ମୁ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ମୃତକଙ୍କ ପରିଚୟ ପାଉନି ପୋଲିସ

**ଖୋର୍ଦ୍ଧା ଅଫିସ,୧୮।୧୧**

**ବେଙ୍ଗଟାଙ୍ଗୀ ଆମ୍ବତୋଟାର ମାଟି ତଳୁ ମୃତଦେହ ମିଳିବା ଘଟଣା**

ଖୋର୍ଦ୍ଧା ସଦର ଥାନା ଅଧୀନ ବେଙ୍ଗଟାଙ୍ଗୀ ଆମ୍ବତୋଟାର ମାଟି ତଳୁ ପୋଲିସ ଜଣେ ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଅନୁସନ୍ଧାନ ଜାରି ରଖିଛି। ବର୍ତ୍ତମାନ ସୁଦ୍ଧା ମୃତକଙ୍କ ପରିଚୟ ମିଳିପାରି ନ ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି। ତେବେ କିଏ କାହିଁକି ତାଙ୍କୁ ହତ୍ୟା ପରେ ଏଠାରେ ପୋତିଲା, ତାହାକୁ ନେଇ ପୋଲିସ ଖୋଳତାଡ ଆରମ୍ଭ କରିଛି। ମାଟିତଳୁ ଯୁବକଙ୍କ ମୃତଦେହ ଉଦ୍ଧାର ବେଳେ ନିକଟରେ ଲୁଣ, ଦାନାଦାର ଏବଂ ରାସାୟନିକ କେମିକାଲ ମଧ୍ୟ ପଡିଥିବା ଦେଖିବାକୁ ମିଳିଥିଲା। କେହି ଦୁର୍ବୃତ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କୁ ହତ୍ୟା ପରେ ମାଟି ତଳେ ପୋତି ପ୍ରମାଣ ନଷ୍ଟ କରିବା ପାଇଁ ଏହାର ବ୍ୟବହାର କରିଥିବା ପୋଲିସ ସନ୍ଦେହ କରିଛି। ଏହା ଏକ ସୁଚିନ୍ତିତ ହତ୍ୟା ବୋଲି ଚର୍ଚ୍ଚା ହେଉଛି। ତେବେ ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଉକ୍ତ ଅଞ୍ଚଳରେ ନିକଟରେ କୌଣସି ବ୍ୟକ୍ତି, ଯୁବକ ନିଖୋଜ ହୋଇନାହାନ୍ତି। ତେଣୁ ମୃତବ୍ୟକ୍ତି ବାହାର ଅଞ୍ଚଳର। ତେବେ କିଏ କାହିଁକି ହତ୍ୟା କରିଛନ୍ତି ପୋଲିସର ତଦନ୍ତରୁ ଜଣାପଡିବ। ଅନ୍ୟପକ୍ଷେ ଘଟଣାର ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ଦିଲୀପ ଦାସ ସୂଚନା ଦେଇଛନ୍ତି।

# ଆପଦ ମିତ୍ରଙ୍କ ତାଲିମ ଶିବିର ଉଦ୍‌ଘାଟିତ




ତାଲିମ ଶିବିରରେ ଯୋଗଦେଇଥିବା ଅତିଥି ଏବଂ ଆପଦ ମିତ୍ର।

**ଖୋର୍ଦ୍ଧା ଅଫିସ,୧୮।୧୧**

**ବିପର୍ଯ୍ୟୟ ମୁକାବିଲା ପାଇଁ ତାଲିମ ନେବେ**

ଖୋର୍ଦ୍ଧା ଜିଲା ଆପଦ ମିତ୍ରମାନଙ୍କ ଏକ ତାଲିମ ଶିବିର ଜଟଣୀ ନିକଟ ସିଦ୍ଧାର୍ଥ ଭିଲେଜ ଟ୍ରେନିଂ ରିସୋର୍ଟରେ ଶୁକ୍ରବାର ଶୁଭାରମ୍ଭ ହୋଇଯାଇଛି। ୧୨ଦିନ ଧରି ଚାଲିବାକୁ ଥିବା ଏହି ଶିବିରରେ ଆପଦ ମିତ୍ରଙ୍କୁ ବନ୍ୟା, ବାତ୍ୟା, ସୁନାମୀ, ଅଗ୍ନିକାଣ୍ଡ ଓ ଦୁର୍ଘଟଣାଜନିତ ବିପର୍ଯ୍ୟୟ ସମୟରେ କିଭଳି ମୁକାବିଲା କରିବେ ସେ ସମ୍ପର୍କରେ ତାଲିମ ପ୍ରଦାନ କରାଯିବ। ଅତିରିକ୍ତ ଜିଲାପାଳ(ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରି କହିଥିଲେ, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଆପଦ ମିତ୍ରଙ୍କ ପ୍ରମୁଖ ଭୂମିକା ରହିଛି। ବିପର୍ଯ୍ୟୟ ସମୟରେ ପ୍ରଶାସନକୁ ସହଯୋଗ, ଜନସାଧାରଣଙ୍କୁ ସଚେତନ ସହ ମୁକାବିଲାରେ ସହଯୋଗୀଭାବେ କାର୍ଯ୍ୟ କରିବାକୁ ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ଆପଦକାଳୀନ ଅଧିକାରୀ ଉର୍ମିପ୍ରଭା ମହାରଣା ବିପର୍ଯ୍ୟୟ ମୁକାବିଲା ଦିଗରେ ଆପଦ ମିତ୍ରଙ୍କ ଭୂମିକା, ଆବଶ୍ୟକ ସମ୍ପର୍କରେ ବୁଝାଇଥିଲେ। ଖୋର୍ଦ୍ଧା ବ୍ଲକର ୩୦ ଓ ବାଲିଅନ୍ତା ବ୍ଲକର ୧୦ ମୋଟ ୪୦ଜଣ ଅଂଶଗ୍ରହଣ କରିଛନ୍ତି। ଅଗ୍ନିଶମ କାର୍ଯ୍ୟାଳୟ ଓଡ଼ିଶା ରାଜ୍ୟ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବିଭାଗ କର୍ତ୍ତୃପକ୍ଷ ଅଧିକାରୀ ଏବଂ ସିଭିଲ ଡିଫେନ୍ସର କର୍ମକର୍ତ୍ତା ତାଲିମ ପ୍ରଦାନ କରିବେ। ଜିଲା ବିପର୍ଯ୍ୟୟ ପରିଚାଳନା ପ୍ରକଳ୍ପ ଅଧିକାରୀ ସୁକାନ୍ତ କୁମାର ଦାଶ, ଆପଦକାଳୀନ କାର୍ଯ୍ୟାଳୟ ବରିଷ୍ଠ ରାଜସ୍ୱ ସହାୟକ କୁଳଦୀପ ପାଲଟାସିଂ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ଶିକ୍ଷକ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ଓ ଶିକ୍ଷକ ମହାସଂଘର ପ୍ରତିଷ୍ଠାତା ବନମାଳୀ ବ୍ରହ୍ମଚାରୀଙ୍କ ୧୧୮ତମ ଜୟନ୍ତୀ ବୀଣାପାଣି ଶିଶୁ ମନ୍ଦିରଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଖୋର୍ଦ୍ଧା ଜିଲା ଅବସରପ୍ରାପ୍ତ ଶିକ୍ଷକ ସଂଘ ସମ୍ପାଦକ ଦେବରାଜ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ସତ୍ୟବାଦୀ ବଳିୟାରସିଂହ ମୁଖ୍ୟ ଅତିଥି, ଶିକ୍ଷାବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ବଟକୃଷ୍ଣ ପରିଡ଼ା ଅତିଥି ଏବଂ ପୂର୍ବତନ ବିଆରସିସି ସତ୍ୟବାନ୍ ଶ୍ରୀଚନ୍ଦନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶିକ୍ଷକ ମହାସଂଘ ଗଠନ କରି ଶିକ୍ଷକଙ୍କୁ ନିୟମିତ ଦରମା, ଚାକିରି ସର୍ତ୍ତାବଳୀ, ସ୍ଥାୟୀ ନିଯୁକ୍ତି ଆଦି ବିଷୟରେ ଦାବି ଉପସ୍ଥାପନ କରୁଥିଲେ। ଆଜୀବନ ଶିକ୍ଷକ ମହାସଂଘର ସଭାପତିଭାବେ ଶିକ୍ଷକ ସମାଜ ପାଇଁ ତାଙ୍କ ତ୍ୟାଗ ଅତୁଳନୀୟ ବୋଲି ଅତିଥିମାନେ କହିଥିଲେ। ଗତିକୃଷ୍ଣ ଉତ୍ତର କବାଟ, ଗୌରହରି ମିଶ୍ର, ବ୍ରଜବନ୍ଧୁ ଛୋଟରାୟ, ମନ୍ମଥ ସାମଲ, ସ୍ୱପ୍ନେଶ୍ୱର ପ୍ରଧାନ, ଗୋବର୍ଦ୍ଧନ ରଣଜିତ, ତ୍ରିଲୋଚନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ମହାସଂଘର କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଯାଞ୍ଚ ସମ୍ପର୍କିତ କର୍ମଶାଳା


କର୍ମଶାଳାରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

**ବାଲୁଗାଁ,୧୮।୧୧(ଡି.ଏନ୍.ଏ.)**

ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ହିତାଧିକାରୀଙ୍କ ଗୃହ ନିର୍ମାଣ ଯାଞ୍ଚ ସମ୍ପର୍କିତ ଏକ କର୍ମଶାଳା ଶୁକ୍ରବାର ବାଲୁଗାଁ ଏନ୍‌ଏସି କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଗରିବ ବାସହୀନ ଲୋକଙ୍କ ଆଶ୍ରୟ ନିମନ୍ତେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ ହୋଇଛି। ଏହି ପରିପ୍ରେକ୍ଷୀରେ ହିତାଧିକାରୀ ପ୍ରକୃତପକ୍ଷେ ଉପକୃତ ହୋଇଛନ୍ତି କି ନାହିଁ ଗୃହ ନିର୍ମାଣ ସମୟରେ ଅନୁଦାନ ପାଇବାରେ ଅସୁବିଧା ଭୋଗ କରିଛନ୍ତି କିମ୍ବା ବର୍ତ୍ତମାନ କେଉଁଭଳି ଭାବେ ଜୀବନ ଅତିବାହିତ କରୁଛନ୍ତି ଏହାର ଉପଯୁକ୍ତ ଯାଞ୍ଚ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଟିମ୍ ଗଠନ କରାଯାଇଛି। ୨୦୧୯-୨୦ ମସିହାରେ ଏହି ଆବାସ ଯୋଜନାରେ ହିତାଧିକାରୀଙ୍କୁ ମିଳିଥିବା ୫୬୪ଟି ଗୃହ ମଧ୍ୟରୁ ଶନିବାର ୧୪୮ଟି ଗୃହକୁ ଯାଞ୍ଚ କରାଯିବ। ଏହି ଯାଞ୍ଚ କାର୍ଯ୍ୟରେ କେନ୍ଦ୍ରୀୟ ଟିମ୍, ବାଲୁଗାଁ ଏନ୍‌ଏସିର ୱାର୍ଡ ଅଫିସର, କାଉନସିଲର ଓ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ବିଭିନ୍ନ ବର୍ଗର ଲୋକଙ୍କୁ ସାମିଲ କରାଯିବ। ପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱପ୍ନାରାଣୀ ପାଢ଼ୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କର୍ମଶାଳାରେ ନଗରପାଳିକା ସୁକାନ୍ତି ପାଇକରାୟ, ଉପନଗରପାଳ ଭଗବାନ ପ୍ରଧାନ, ଏମ୍‌ପିଙ୍କ ପ୍ରତିନିଧି ଅକ୍ଷୟ ରଣସିଂ, ବିଧାୟକଙ୍କ ପ୍ରତିନିଧି ପ୍ରକାଶ ପ୍ରଧାନ, କମ୍ୟୁନିଟି ଅର୍ଗାନାଇଜର ନର୍ମଦା ଦେଈ, ସମସ୍ତ ୱାର୍ଡ କାଉନସିଲର ଓ ସ୍ୱଚ୍ଛ ସାଥି, ସୁପରଭାଇଜର, ୱାର୍ଡ ଅଫିସର, ବିଭିନ୍ନ ଗଣମାଧମ ପ୍ରତିନିଧିଙ୍କ ସମେତ ଆଞ୍ଚଳିକ ମହିଳା ମହାସଂଘର ସଭାନେତ୍ରୀ ଓ ସମ୍ପାଦିକା ଉପସ୍ଥିତ ଥିଲେ।

# ବିଜେବି ହାଇସ୍କୁଲ ଜୟନ୍ତୀ ଉତ୍ସବ ପ୍ରସ୍ତୁତି ବୈଠକ

**ଖୋର୍ଦ୍ଧା ଅଫିସ,୧୮।୧୧**

ଖୋର୍ଦ୍ଧା ବକ୍ସି ଜଗବନ୍ଧୁ ବିଦ୍ୟାଧର (ବିଜେବି) ହାଇସ୍କୁଲର ୧୨୫ତମ ଜୟନ୍ତୀ ଉତ୍ସବ ପାଳନ ନେଇ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଆୟୋଜନ ନେଇ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। କ୍ୟାମ୍ପସ ପରିସରରେ ସ୍ମାରକୀ ଭବନ ନିର୍ମାଣ, ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନା ଲାଗି ପ୍ରସ୍ତାବ ଆଗତ କରାଯାଇଛି। ଉତ୍ସବକୁ ରାଷ୍ଟ୍ରପତିଙ୍କୁ ନିମନ୍ତ୍ରଣ ନେଇ ନିଷ୍ପତ୍ତି ହୋଇଛି। ବିଜେବି ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ଗ୍ରହଣ କରିଥିବା ରାଜ୍ୟ ଖାଦ୍ୟ କମିଶନର ପ୍ରମୋଦ ମେର୍କାପ ଭିତ୍ତିଭୂମି ବିକାଶ, ଶୈକ୍ଷିକ ବାତାବରଣ, ଗୁଣାତ୍ମକ ଶିକ୍ଷା ପ୍ରଦାନ, ସବୁଜ ପରିବେଶ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ବୈଠକରେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଅତିରିକ୍ତ ଜିଲାପାଳ ମନୋଜ ପାଢୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଗନ୍ତ ରାଉତରାୟ, ଜିଲା ଶିକ୍ଷାଧିକାରୀ ବିଶ୍ୱନାଥ ତରାଇ, ହାଇସ୍କୁଲ ପ୍ରଧାନଶିକ୍ଷକ ଏସ.ଗୋହର ଅଲ୍ଲୀ, ପୁରାତନ ଛାତ୍ର ସଂସଦ ସମ୍ପାଦକ ଗୋପାଳକୃଷ୍ଣ ଦାସ, ଶିକ୍ଷାବିତ୍ ବୈକୁଣ୍ଠନାଥ ରାଜଗୁରୁ, ପୂର୍ବତନ ପୋଲିସ ପ୍ରଶାସକ ଦେବ ପ୍ରସାଦ ମଜୁମଦାର, ବିମଳ ଚନ୍ଦ୍ର ଷଡ଼ଙ୍ଗୀ, ନବକିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବିଜ୍ଞାନମେଳାରେ ୩୫ ପ୍ରକଳ୍ପ

**ଖୋର୍ଦ୍ଧା ଅଫିସ,୧୮।୧୧**



ଖୋର୍ଦ୍ଧା ବ୍ଲକ ହଳଦିଆ ପଞ୍ଚାୟତ ବଘେଇଟାଙ୍ଗିର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନ ଓ ଗଣିତ ପ୍ରକଳ୍ପ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ମୋଟ୍ ୩୫ଟି ପ୍ରକଳ୍ପ ମେଳାରେ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନଶିକ୍ଷକ ଅଶୋକ ଦାଶ ମେଳାକୁ ଉଦ୍‌ଘାଟନ କରିଥିବା ବେଳେ ବିଜ୍ଞାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମୁଦୁଲି ସଂଯୋଜନା କରିଥିଲେ। ନିକଟ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ପ୍ରଦୀପ୍ତ ସୁବୁଦ୍ଧି, ରେଶମା ମହାପାତ୍ର ପ୍ରମୁଖ ପ୍ରକଳ୍ପଗୁଡିକର ମୂଲ୍ୟାୟନ କରିଥିଲେ। ଏହି ମେଳାରେ ନିକଟ ବିଦ୍ୟାଳୟର ଶତାଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।

# ଅର୍ଦ୍ଧନିର୍ମିତ ଅବସ୍ଥାରେ କଲ୍ୟାଣମଣ୍ଡପ



**ବୋଲଗଡ଼,୧୮।୧୧(ଡି.ଏନ୍.ଏ.)**

**ବିଭାଗୀୟ ଅଧିକାରୀ ଦୃଷ୍ଟିଦେବାକୁ ଦାବି**

ସରକାର ଜନସାଧାରଣଙ୍କ ସୁବିଧା ଲାଗି ବିଭିନ୍ନ ଯୋଜନା ମାଧ୍ୟମରେ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଆନୁଷଙ୍ଗିକ କାର୍ଯ୍ୟ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନେକ କ୍ଷେତ୍ରରେ ରାଜନୈତିକ ମତଭେଦ ଓ ପ୍ରଶାସନିକ ଅବହେଳାରୁ ଏହା ବାଟବଣା ହେଉଛି। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ଅନ୍ତର୍ଗତ ଚୁଡ଼ା ଗ୍ରାମ ଗେଡିମୁଣ୍ଡିଆସ୍ଥିତ ପତିତପାବନ ଦେବ ମଠ ନିକଟରେ ୨୦୧୯ ମସିହାରେ ଆରମ୍ଭ ହୋଇଥିବା ଏକ କଲ୍ୟାଣ ମଣ୍ଡପ ପ୍ରକଳ୍ପ ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ଗ୍ରାମାଞ୍ଚଳ ଲୋକଙ୍କ ମାଙ୍ଗଳିକ କର୍ଯ୍ୟ, ସଭା ସମିତି, ବାତ୍ୟା ଆଶ୍ରୟସ୍ଥଳୀ ଓ ଶୃଙ୍ଖଳିତ ଯାନିଯାତ୍ରା ଉଦ୍ଦେଶ୍ୟରେ ସରକାରଙ୍କ ଏହି କଲ୍ୟାଣକାରୀ ଯୋଜନା କଲ୍ୟାଣମଣ୍ଡପ ପ୍ରକଳ୍ପ ନିର୍ମାଣ ଦୀର୍ଘ ଦୁଇ ବର୍ଷରୁ ଉର୍ଦ୍ଧ୍ୱ ହେବ ବନ୍ଦ ରହିଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ସ୍ଥାନୀୟ ପଞ୍ଚାୟତ ସମିତି ମାଧ୍ୟମରେ ଏହାର ନିର୍ମାଣ କରାଯାଉଥିବା ବେଳେ ଲୁହାଛଡ ଖରା ଓ ବର୍ଷାରେ କଳଙ୍କି ଲାଗିଗଲାଣି। ପ୍ରାକୃତିକ ପରିବେଶରେ ନିର୍ମିତ ହେଉଥିବା ଏହି ମଣ୍ଡପ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବାକୁ ଥିବା ବେଳେ ନିର୍ମାଣ ବିଳମ୍ବ ନେଇ ଅସନ୍ତୋଷ ବଢୁଛି। ତୁରନ୍ତ ଏହାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚୁଡା ଓ ଡାବରଧୁଆ ଗ୍ରାମବାସୀ ଅନୁରୋଧ କରିଛନ୍ତି।

**ସୋରଣ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

# ମହାବୀର ଥଣ୍ଡର ଚାମ୍ପିୟନ

**ନିରାକାରପୁର/ଟାଙ୍ଗୀ,୧୮।୧୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ସୋରଣ ଭଗବତୀ ଖେଳପଡିଆରେ ଭଗବତୀ କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ୮ଦିନ ଧରି ଚାଲିଥିବା ଅଷ୍ଟମ ବାର୍ଷିକ ପ୍ରିମିୟର ଲିଗ୍ ଟୁର୍ନାମେଣ୍ଟ ଉଦ୍ଯାପିତ ହୋଇଯାଇଛି। ଶୁକ୍ରବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ମହାବୀର ଥଣ୍ଡର କ୍ରିକେଟ କ୍ଲବ୍ ସୋରଣ ଏବଂ ଏକେ ଫଟିସେଭେନ ସୋରଣ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହାବୀର ଥଣ୍ଡର କ୍ଲବ୍ ସୋରଣ ପ୍ରଥମେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୦୫ ରନ୍ ସଂଗ୍ରହ କରିଥିଲା। ଜବାବରେ ଏକେ ଫଟିସେଭେନ୍ ଟିମ୍ ନିର୍ଦ୍ଧାରିତ ଓଭର ପୂର୍ବରୁ ସମସ୍ତ ଉଇକେଟ ବିନିମୟରେ ୧୫୩ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଦୀପକ ପାଇକରାୟ ଓ କାହ୍ନୁ ନାୟକ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଟାଙ୍ଗୀ ଖବରଦାତା ସଂଘ ସଭାପତି ରବୀନ୍ଦ୍ର କୁମାର ରଣା, ଖବରଦାତା କାହ୍ନୁ ଚରଣ ବେହେରା, ଚନ୍ଦନ ମହାପାତ୍ର, ମନୋରଞ୍ଜନ ମହାନ୍ତି, ଶୁଭାଶିଷ ପାତ୍ର, ସୁଶାନ୍ତ କୁମାର ଜେନା, ମନୋଜ କୁମାର ବରାଳ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମକୁ ୨୫ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରିଥିଲେ। ସେହିପରି ରନର୍ସ ଅପ୍ ଟିମକୁ ୨୦ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ। ଆସୋସିଏଶନ ସମ୍ପାଦକ ଜିତେନ୍ଦ୍ର ମହାରଣାଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ରହି ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିଙ୍କ ସହ ଅନ୍ୟମାନେ।

# ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ କେରଙ୍ଗ



**ବେଗୁନିଆ,୧୮।୧୧(ଡି.ଏନ୍.ଏ.)**

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମସ୍ଥିତ ଖେଳ ପଡିଆରେ ଚାଲିଥିବା ଜୟଦୁର୍ଗା ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ କେରଙ୍ଗର ଅହମ୍ମଦିଆ ଟିମ୍ ୧-୦ ଗୋଲରେ ଖୋର୍ଦ୍ଧାର ଜୟଦୁର୍ଗା ଫୁଟବଲ କ୍ଲବକୁ ପରାଜିତ କରି ଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ତେବେ ଦ୍ୱିତୀୟାର୍ଦ୍ଧରେ କେରଙ୍ଗର ୫ନଂ. ଖେଳାଳି ଗୋଟିଏ ଗୋଲ ଦେଇଥିଲେ। ଜୟଦୁର୍ଗା କ୍ଲବ କୌଣସି ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ମ୍ୟାଚ୍ ଉପଦେଷ୍ଟା ଦୟାନ ଖାଁଙ୍କ ପରିଚାଳନାରେ ପ୍ରଫୁଲ୍ଲ ବେହେରା ମ୍ୟାଚ୍ ପରିଚାଳନା କରିଥିଲେ। ଗିରୀଶ ଚନ୍ଦ୍ର ଜାନି, ମନୋରଞ୍ଜନ ଖୁଣ୍ଟିଆ ଲାଇନରେ ସହାୟତା କରିଥିବା ବେଳେ ବିଦେଶୀ ନାୟକ ସହଯୋଗୀ ରେଫରିଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି, କଂଗ୍ରେସ ନେତା ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ମହମ୍ମଦ ମୟୀଉଦ୍ଦିନ୍ ଅହମ୍ମଦ, ମଦନ ମୋହନ ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।

## ସଂକ୍ଷେପରେ

### ଏସ୍‌ସିବି ମେଡିକାଲରୁ ଚୋରି, ୨ ଅଟକ

**କଟକ ଅଫିସ,୧୮।୧୧:** ଏସ୍‌ସିବି ମେଡିକାଲରୁ ଚୋରି ଅଭିଯୋଗରେ ମଙ୍ଗଳାବାଗ ପୋଲିସ ୨ ଜଣଙ୍କୁ ଶୁକ୍ରବାର ଅଟକ କରିଛି। ଉଭୟଙ୍କଠାରୁ ଅଦ୍ୟାବଧି କିଛି ସାମଗ୍ରୀ ଉଦ୍ଧାର କରାଯାଇ ନ ଥିବା ବେଳେ ପୋଲିସ ପଚରାଉଚୁରା କରୁଥିବା ଆଇଆଇସି ସୁଧାଂଶୁ ଜେନା କହିଛନ୍ତି। ସୂଚନାନୁସାରେ, ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟ ଚାଲିଥିବାରୁ ଅନେକ ନିର୍ମାଣ ସଂସ୍ଥାର ବହୁ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ଉପରୋକ୍ତ ୨ ଜଣ ନିଜକୁ ନିର୍ମାଣ ସଂସ୍ଥାର କର୍ମଚାରୀ ଭାବେ ପରିଚୟ ଦେଇ ଏସ୍‌ସିବି ମେଡିକାଲ ପରିସରସ୍ଥ କୋଠାରୁ ଆଲୁମିନିୟମ ସାମଗ୍ରୀ ଚୋରି କରୁଥିଲେ। ଶୁକ୍ରବାର ସର୍ଜରୀ ୱାର୍ଡରୁ ଆଲୁମିନିୟମ କବାଟ ଖୋଲୁଥିବା ଧରାପଡ଼ିଥିଲେ। ସେମାନଙ୍କୁ ପଚରାଉଚୁରା କରାଯିବା ପରେ କୌଣସି ନିର୍ମାଣ ସଂସ୍ଥାର ନୁହଁନ୍ତି ବୋଲି ଜଣାପଡ଼ିଥିଲା। ବିଭିନ୍ନ ୱାର୍ଡରୁ ୧୫ଟି ଆଲୁମିନିୟମ କବାଟ ସାଙ୍ଗକୁ ଅନେକ ସାମଗ୍ରୀ ଚୋରି ହୋଇଥିବା ଏସ୍‌ସିବି ସୂତ୍ରରୁ ଜଣାଯାଇଛି। ଏନେଇ ମେଡିକାଲ ପକ୍ଷରୁ ଥାନାରେ ଲିଖିତ ଭାବେ ଜଣାଇବା ପରେ ପୋଲିସ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

### ରାଜ୍ୟପାଳଙ୍କୁ ‘ମୁକ୍ତମତ’ ପୁସ୍ତକ ପ୍ରଦାନ

**କଟକ ଅଫିସ, ୧୮।୧୧:** ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସାମ୍ବାଦିକ ରମଣୀ ରଞ୍ଜନ ଦାସ ସ୍ୱଲିଖିତ ପୁସ୍ତକ ‘ମୁକ୍ତମତ’କୁ ଶୁକ୍ରବାର ପ୍ରଦାନ କରିଛନ୍ତି। ଭୁବନେଶ୍ୱରସ୍ଥିତ ରାଜଭବନ ପରିସରରେ ଦାସ ଉକ୍ତ ପୁସ୍ତକ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ। ଏହି ସମୟରେ ଓଡ଼ିଶା ସାମ୍ବାଦିକ ସଂଘ ସଭାପତି ଶଶିଭୂଷଣ ପାଣିଗ୍ରାହୀ, ସାଧାରଣ ସମ୍ପାଦକ କେ. ଶ୍ରୀନିବାସ ରାଓ, ଉପସଭାପତି ଦୀପକ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଦାସ ପ୍ରେସ୍ ଦିବସରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ସାମ୍ବାଦିକଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ।

### ହୃଦ୍‌ଘାତରେ ଆଇନଜୀବୀଙ୍କ ପରଲୋକ

**ଫୁଲନଖରା,୧୮।୧୧(ଡି.ଏନ୍.ଏ.):** ହାଇକୋର୍ଟ ଆଇନଜୀବୀ ରଞ୍ଜନ କୁମାର ମହାନ୍ତି(୫୮)ଙ୍କର ଗୁରୁବାର ବିଳମ୍ବିତ



ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ଛାତିରେ ଯନ୍ତ୍ରଣା ହେବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଶୁକ୍ରବାର ମରଶରୀରକୁ କଟକ ସଦର ଥାନା ଅନ୍ତର୍ଗତ ବ୍ରାହ୍ମଣଝରିଲୋସ୍ଥିତ ତାଙ୍କ ବାସଭବନକୁ ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ପୁଅ ସ୍ୱହଙ୍ଗ, ବଡଭାଇ ବିଜୟ ମହାନ୍ତି, ସାନଭାଇ ସଞ୍ଜୟ ମହାନ୍ତିଙ୍କ ସମେତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। ଖବରପାଇ କୁରାଙ୍ଗ ପ୍ରଧାନ ପଞ୍ଚାୟତର ବହୁ ବିଶିଷ୍ଟ ବ୍ୟକ୍ତି ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ସ୍ୱହଙ୍ଗ ମହାନ୍ତି ମୁଖାଗ୍ନି ଦେଇଥିଲେ।

### ଅନୁଷ୍ଠାନ ‘ସଖା’ ପାଇବ ରାଧାନାଥ ରଥ ସେବା ସମ୍ମାନ

**କଟକ ଅଫିସ, ୧୮।୧୧:** ସ୍ୱେଚ୍ଛାସେବୀ ସଙ୍ଗଠନ ‘ସଖା’ ଚଳିତବର୍ଷର ମର୍ଯ୍ୟାଦାଜନକ ରାଧାନାଥ ରଥ ସେବା ସମ୍ମାନ ପାଇବାକୁ ମନୋନୀତ ହୋଇଛି। ଆସନ୍ତା ୬ରେ ଡ. ରାଧାନାଥ ରଥ ଫାଉଣ୍ଡେଶନ ଟ୍ରଷ୍ଟ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନଠାରେ ହେବାକୁ ଥିବା ଡ. ରଥଙ୍କ ଜୟନ୍ତୀ ଉତ୍ସବରେ ଉକ୍ତ ସମ୍ମାନ ପ୍ରଦାନ କରାଯିବ। ସଖା ସମ୍ପାଦିକା କବିତା ମହାପାତ୍ର ଉକ୍ତ ପୁରସ୍କାର ଗ୍ରହଣ କରିବେ। ଟ୍ରଷ୍ଟର ସଭାପତି ଜଷ୍ଟିସ ଏ.ଏସ୍. ନାଇଡୁଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା। ଏଥିରେ ଟ୍ରଷ୍ଟର ଉପାଧକ୍ଷ ଡ. ସତ୍ୟ ରାୟ, ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ପ୍ରଶାନ୍ତ ଦାସ, ଯୁଗ୍ମ ସମ୍ପାଦକ ରଞ୍ଜନ ମହାପାତ୍ର, ସଙ୍ଗଠନ ସମ୍ପାଦକ ଦ୍ୱୀପାୟନ ପଟ୍ଟନାୟକ, ଡ. ପ୍ରମୋଦ ମହାପାତ୍ର, ଟହଲି ଚରଣ ମହାନ୍ତି, ମୁରଲୀଧର ସାମଲ, ମୀରା ବେଉରା ପ୍ରମୁଖ ଉପସ୍ଥିତ ଥିଲେ।

# ଚିନ୍ତା ବଢ଼ାଇଛନ୍ତି ହାତୀପଲ

**ଖୁଣ୍ଟୁଣୀ/ଚୌଦ୍ୱାର,୧୮।୧୧(ଡି.ଏନ୍.ଏ)**



ଚନ୍ଦକାରୁ ୧୫ଦିନ ହେଲା ପଳାଇ ଆସିଥିବା ୧୯ଟିକିଆ ହାତୀପଲ ଖୁଣ୍ଟୁଣୀ ବନାଞ୍ଚଳର ସୁନିଆଁମୁହଁ ସଂରକ୍ଷିତ ଜଙ୍ଗଲରେ ବିଚରଣ କରୁଥିଲା ବେଳେ ଶୁକ୍ରବାର ଭୋର ସମୟରେ କୁଶପଙ୍ଗି ଦେଇ ୫୫ନଂ ଜାତୀୟ ରାଜପଥ ପାର୍ଶ୍ୱ ଡିହସାହିକୁ ଚାଲି ଆସିଛନ୍ତି। ସେମାନେ ସକାଳ ହୋଇଯିବାରୁ ଜଙ୍ଗଲମୁହାଁ ହୋଇ ନପାରି ଦିନତମାମ ଚୌଦ୍ୱାର ଥାନା କୟଳପଡ଼ା-ଡିହସାହିଗଡ଼ାଠାରେ ଅଟକି ରହିଛନ୍ତି। ହାତୀପଲ ରାଜପଥ ପାରହୋଇ ଛତିଶାପାଟ ଅଭିମୁଖେ ଯିବା ପାଇଁ ଉଦ୍ୟମ କରୁଥିଲେ ମଧ୍ୟ ଘଟଣାସ୍ଥଳରେ ବହୁ ଲୋକ ଓ ଗାଡ଼ିମୋଟର ଯୋଗୁ ହାତୀ ଘଉଡ଼ାଇବାରେ ବନ କର୍ମଚାରୀ ଅସମର୍ଥ ହୋଇଛନ୍ତି। କାରଣ ଗୋଟିଏ ପଟେ ଖୁଣ୍ଟୁଣୀ ବନାଞ୍ଚଳ ପକ୍ଷରୁ ହାତୀଙ୍କୁ ରାଜପଥ ପାର କରାଇ ଡାଲିଯୋଡ଼ା ଜଙ୍ଗଲମୁହାଁ କରିବାକୁ ଉଦ୍ୟମ କରୁଥିବା ବେଳେ ଅନ୍ୟପଟେ ଡାଲିଜୋଡା ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀଙ୍କୁ ସେପଟକୁ ନେବାକୁ ଚାହୁଁନଥିବା କାରଣରୁ ଏବେ ସମସ୍ତ ହାତୀପଲ ସେମାନଙ୍କ ଗନ୍ତବ୍ୟ ପଥରେ ଯାଇ ନପାରି ରାସ୍ତା ପାର୍ଶ୍ୱ ଗହୀର ବିଲରେ

**ଡାଲିଯୋଡ଼ା ଓ ଖୁଣ୍ଟୁଣୀ ବନ ବିଭାଗ ମଧ୍ୟରେ ଛକାପଞ୍ଝା**

ଶୁକ୍ରବାର ଦିନତମାମ ଠିଆ ହୋଇ ରହିଛନ୍ତି। ଚନ୍ଦକା ହାତୀପଲ ନଭେମ୍ବର ୪ରୁ ଆଠଗଡ଼ ରେଞ୍ଜରୁ ଆସି ଖୁଣ୍ଟୁଣୀ ବନାଞ୍ଚଳରେ ପ୍ରବେଶ କରିଥିଲେ। ଗୁରୁବାର ସନ୍ଧ୍ୟାରେ ହାତୀପଲ ସୁନିଆଁମୁହଁରୁ ବାହାରି କୁଷପଙ୍ଗି ଇଟାଙ୍ଗ ପାହାଡ଼ ଦେଇ ଗହୀର ବିଲରେ ପ୍ରବେଶ କରିଥିଲେ। ରାତି ସାରା କୁଶପଙ୍ଗି ଓ ଡିହସାହି ଗ୍ରାମର କେତେଜଣ ଚାଷୀଙ୍କ କ୍ଷେତରେ ଧାନ ଫସଲ ନଷ୍ଟ କରି ଭୋର ସମୟରେ କୁଶପଙ୍ଗି ନିକଟରେ ଜାତୀୟ ରାଜପଥ ଅତିକ୍ରମ କରି ଛତିଶାପାଟ ଦେଇ ଡାଲିଯୋଡ଼ା ରେଞ୍ଜ ଅଭିମୁଖେ ଯିବା ପାଇଁ ଉଦ୍ୟମ କରିଥିଲେ। ହେଲେ ଯାଇନପାରି ଶେଷରେ ଦିନତମାମ ଗହୀର ମଧ୍ୟରେ ଠିଆ ହୋଇଥିବା ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି। କାଳେ ହାତୀପଲ ଜନବସତି ମୁହାଁ ହେବେ ସେଥିପାଇଁ ଉଭୟ ଡାଲିଯୋଡ଼ା ଓ ଖୁଣ୍ଟୁଣୀ ଫରେଷ୍ଟ ରେଞ୍ଜ କର୍ମଚାରୀମାନେ ଘଟଣାସ୍ଥଳରେ ଉପସ୍ଥିତ ରହି ସେମାନଙ୍କ ଗତିବିଧି ଉପରେ ନଜର ରଖିଛନ୍ତି। ଏହି ହାତୀପଲ ମଧ୍ୟରେ ୩ଟି ଦନ୍ତା, ୧୦ଟି ମାଈ ଓ ୬ଟି ଛୁଆ ହାତୀଥିବା ବନାଞ୍ଚଳ ଅଧିକାରୀ ସାହୁ ସୂଚନା ଦେଇଛି। ବିଳମ୍ବିତ ରାତିରେ ଜନଗହଳି କମିଲେ ହାତୀମାନଙ୍କୁ ଘଉଡ଼ାଇ ପୁଣି ଚନ୍ଦକା ଜଙ୍ଗଲମୁହାଁ କରାଯିବ ବୋଲି ଚୌଦ୍ୱାର ବନପାଳ ପୂର୍ଣ୍ଣଚନ୍ଦ୍ର ମହାନ୍ତି ସୂଚନା ଦେଇଛନ୍ତି।

# କଟକ ସହର ହେବ ଜନଗହଳିମୁକ୍ତ

**କଟକ ଅଫିସ,୧୮।୧୧**

- ପ୍ରାଥମିକ ପର୍ଯ୍ୟାୟରେ ୧୦ ସ୍ଥାନ ଚିହ୍ନଟ
- ୨ ବର୍ଷରେ କାର୍ଯ୍ୟ ସରିବ

କଟକ ସହରକୁ ଜନଗହଳିମୁକ୍ତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ଥିବା ଅଣଓସାରିଆ ରାସ୍ତାର ଜନଗହଳି ସାଧାରଣ ଜନତାଙ୍କୁ ଅସୁବିଧାରେ ପକାଉଛି। ଏହାର ସ୍ଥାୟୀ ସମାଧାନ କରିବା ନିମନ୍ତେ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଏକ ଯୋଜନା ପ୍ରସ୍ତୁତ କରିଛି। ଏହି ଯୋଜନା କାର୍ଯ୍ୟକାରୀ କରିବା ପାଇଁ ଶୁକ୍ରବାର ସ୍ଥାନୀୟ ବିଜୁ ଭବନରେ ଦୁଇ ଦିନିଆ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଛି। ସିଡିଏ ଅଧକ୍ଷ ଅନିଲ କୁମାର ସାମଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଉପାଧକ୍ଷ ତଥା ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣଙ୍କ ସମେତ ପୂର୍ତ୍ତ ଓ ଟ୍ରାଫିକ ଅଧିକାରୀ ଓ ସମ୍ପୃକ୍ତ ଉଚ୍ଚ ଅଧିକାରୀମାନେ ଯୋଗଦେଇଥିଲେ। ହଜାରେ ବର୍ଷର ସହର କଟକର ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଅଣଓସାରିଆ ରାସ୍ତା ଓ ଗଳିକନ୍ଦି ଏଠାକାର ଭିଡକୁ ଅଧିକ ବଢାଇ ଦେଉଛି। ତେଣୁ ଏହାକୁ ସଂଗଠିତ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଆଲୋଚନାରେ ମତ ପ୍ରକାଶ ପାଇଛି। ସେଥିପାଇଁ ବିଶେଷଜ୍ଞମାନଙ୍କ ଦ୍ୱାରା ସର୍ଭେ କରାଯିବା ସହ ୭ମାସ ମଧ୍ୟରେ ଡିଟେଲ୍ଡ ପ୍ରୋଜେକ୍ଟ ରିପୋର୍ଟ(ଡିପିଆର) ପ୍ରସ୍ତୁତ ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି। ପ୍ରାଥମିକ ପର୍ଯ୍ୟାୟରେ ହାଇକୋର୍ଟ ନିକଟ, ବକ୍ସିବଜାର ଭଳି ୧୦ଟି ସ୍ଥାନକୁ ଭିଡମୁକ୍ତ କରାଯାଇ ଉନ୍ନତ ଅଞ୍ଚଳରେ ପରିଣତ କରାଯିବ। ସେଥିପାଇଁ ଚଲାପଥ ନିର୍ମାଣ, ଭେଣ୍ଡିଂ ଜୋନ୍, ସ୍ୱତନ୍ତ୍ର ପାର୍କିଂ ସ୍ଥଳ, ରାସ୍ତା ଡିଜାଇନ, ରାସ୍ତା ପାର୍ଶ୍ୱ ସୌନ୍ଦର୍ଯ୍ୟକରଣ ସହ ଟ୍ରାଫିକ ପରିଚାଳନା ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବ। ଏହିସବୁ କାର୍ଯ୍ୟ ଆଗାମୀ ୨ ବର୍ଷ ମଧ୍ୟରେ ଶେଷ ହେବ ବୋଲି ସିଡିଏ ପକ୍ଷରୁ ଜଣାପଡିଛି।

# ଓଜନରେ ଠକେଇ ରୋକିବାକୁ ପଦକ୍ଷେପ

**କଟକ ସଦର,୧୮।୧୧(ଡି.ଏନ୍.ଏ.)**

**ସାଧାରଣ ବଣ୍ଟନ ବ୍ୟବସ୍ଥା**

ସାଧାରଣ ବଣ୍ଟନ ବ୍ୟବସ୍ଥାରେ ରିଟେଲରମାନେ ଓଜନରେ ଠକେଇ କରୁଥିବା ବାରମ୍ବାର ଅଭିଯୋଗ ହୋଇଥିଲା। ଏହାକୁ ରୋକିବା ପାଇଁ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି ବ୍ୟାପାର ବିଭାଗ ପଦକ୍ଷେପ ନେବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଆସନ୍ତା ଜାନୁୟାରୀରୁ ନୂଆ ଓଜନ ପଦ୍ଧତି ଲାଗୁ କରିବା ପାଇଁ ଯୋଜନା ରହିଛି। ଫଳରେ ଓଜନରେ ଠକେଇ ହେବା ମାତ୍ରେ ଅନ୍‌ଲାଇନ ବ୍ୟବସ୍ଥାରେ ଜଣାପଡ଼ିଯିବ। ତେଣୁ ନଭେମ୍ବରରେ କଟକ ସଦର ବ୍ଲକର ସମସ୍ତ ରିଟେଲଙ୍କୁ କମ୍ପ୍ୟୁଟର ଓଜନଯନ୍ତ୍ର ଯାଞ୍ଚ ସହ ନବୀକରଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ ଇଲେକ୍ଟ୍ରୋନିକ୍ସ ପଏଣ୍ଟ ଅଫ ସେଲ୍ ମେସିନ ସହ ଭୁବନେଶ୍ୱରରେ ଥିବା ଇଲେକ୍ଟ୍ରୋନିକ୍ସ ୱେଟିଂ ସ୍କେଲକୁ ଲିଙ୍କ୍ କରାଯିବ। ଜଣେ କାର୍ଡଧାରୀ ପଏଣ୍ଟ ଅଫ୍ ସେଲ୍ ମେସିନ୍‌ରେ ଆଖି କିମ୍ବା ଆଙ୍ଗୁଳି ଛାପ ଦେବା ମାତ୍ରେ ତାଙ୍କ ଜିନିଷର ପରିମାଣ ଆପେ ଜଣାପଡ଼ିବ। ତା’ପରେ ରିଟେଲର କାରସାଦି କରି ଓଜନ କରିବା ମାତ୍ରେ ଜିନିଷ କମ୍ ଥିଲେ ୱେଟିଂ ସ୍କେଲରେ ଆପେ ଧରା ପଡ଼ିଯିବ। ଆଉ ମେସିନରୁ ମୁଦ୍ରିତ ରସିଦ ବାହାରିବ ନାହିଁ। କାର୍ଡଧାରୀ ଜଣକ ଓଜନରେ ଠକେଇ ହୋଇଥିବା ଜାଣିପାରିବ। ଉକ୍ତ ବ୍ଲକରେ ୧୭୦ଟି ରିଟେଲର ପଏଣ୍ଟକୁ ଅନ୍‌ଲାଇନ୍‌ରେ ସଂଯୋଗ କରାଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି।

# ‘ଉପନ୍ୟାସର ସ୍ୱର ହେଉ ବିଶ୍ୱ ମୈତ୍ରୀ’



ଶ୍ରୀରାମଚନ୍ଦ୍ର ଭବନରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

**କଟକ ଅଫିସ, ୧୮।୧୧**

କଟକ ଶ୍ରୀରାମଚନ୍ଦ୍ର ଭବନରେ ଔପନ୍ୟାସିକା କଲ୍ୟାଣୀ ପଣ୍ଡାଙ୍କ ଦୁଇଟି ପୁସ୍ତକ ‘ଇଏ କିଏ?’ ଓ ‘ସ୍ୱୟଂସିଦ୍ଧା’ ଲୋକାର୍ପିତ ହୋଇଯାଇଛି। ଲେଖକ ସହଯୋଗ ସମିତି ସଭାପତି ରବି ରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଫେସର ବୈଷ୍ଣବ ଚରଣ ସାମଲ ଉକ୍ତ ପୁସ୍ତକ ଲୋକାର୍ପଣ କରି ବିଶ୍ୱପ୍ରୀତି, ବିଶ୍ୱ ମୈତ୍ରୀ ଉପନ୍ୟାସର ସ୍ୱର ହେଉ ବୋଲି କହିଥିଲେ। ସେହିପରି ମୁଖ୍ୟ ଅତିଥି ତରୁଣ କୁମାର ସାହୁ ଉପନ୍ୟାସ କେବଳ ନିର୍ଦ୍ଦିଷ୍ଟ କାଳଖଣ୍ଡ ଭିତରେ ମାନବ ସତ୍ତାର ପ୍ରତିନିଧିତ୍ୱ କରିଥାଏ ବୋଲି କହିଥିଲେ। ସମ୍ପାଦକ ରଘୁନାଥ ମହାପାତ୍ର ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ, ଇଂ. ନିତ୍ୟାନନ୍ଦ ମିଶ୍ର ସ୍ୱାଗତ ଭାଷଣ, କଲ୍ୟାଣୀ ପଣ୍ଡା ଲେଖକୀୟ ଅଭିବ୍ୟକ୍ତି ପ୍ରଦାନ କରିଥିଲେ। ସଙ୍ଗଠନ ସମ୍ପାଦକ ନରସିଂହ ମହାପାତ୍ର ବେଦପାଠ ଓ ବିବେକାନନ୍ଦ ପଣ୍ଡା ଧନ୍ୟବାଦ ଦେଇଥିଲେ।

# କାର୍ତ୍ତିକେଶ୍ୱର ଭସାଣି ଉତ୍ସବ

**ଖୁଣ୍ଟୁଣୀ,୧୮।୧୧(ଡି.ଏନ୍.ଏ.)**

ଖୁଣ୍ଟୁଣୀ ଅଞ୍ଚଳରେ କାର୍ତ୍ତିକେଶ୍ୱର ଭସାଣି ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଚଳିତବର୍ଷ ୨୨ଟି ସାହି ଓ ବଜାରରେ କାର୍ତ୍ତିକେଶ୍ୱରଙ୍କ ପୂଜା ହୋଇଥିଲା। ଗତ ୧୬ ତାରିଖରେ ଖୁଣ୍ଟୁଣୀ ଟ୍ରକ ମାଲିକ ସଂଘ ସଭାଗୃହରେ ଖୁଣ୍ଟୁଣୀ ଆଇଆଇସି ଭବାନୀ ଶଙ୍କର ଖୁଣ୍ଟିଆଙ୍କ ଅଧକ୍ଷତାରେ ବିଭିନ୍ନ ସାହି କମିଟି ଏବଂ ଗ୍ରାମ କମିଟିର ସଦସ୍ୟ ମାନଙ୍କୁ ନେଇ ଏକ ବୈଠକ ହୋଇଥିଲା। ଶାନ୍ତିଶୃଙ୍ଖଳାର ସହ ବିସର୍ଜନ ଓ ଭସାଣିରେ ଡିଜେ ସାଉଣ୍ଡ ବାରଣ କରାଯାଇଥିଲା। ତଦନୁଯାୟୀ ଏହି ଭସାଣି ହୋଇଥିଲା। ଭସାଣିବେଳେ ଆଇଆଇସି ଖୁଣ୍ଟିଆ, ଏସ୍‌ଆଇ ସୁନୀଲା ଆନନ୍ଦଙ୍କ ସମେତ ପୋଲିସ କର୍ମଚାରୀ ଓ ୧ ସେକ୍ସନ ଫୋର୍ସ ଉପସ୍ଥିତ ଥିଲେ।

# ପ୍ରଥମାଷ୍ଟମୀ ମେଳଣ, ୨୦ ମେଢ଼ ବିସର୍ଜିତ



ଭସାଣି ପାଇଁ ସାମିଲ ହୋଇଥିବା ମେଢ଼।

**ଚୌଦ୍ୱାର,୧୮।୧୧(ଡି.ଏନ୍.ଏ.)**

ଚୌଦ୍ୱାର ଥାନା ଅଧୀନ ନଖରା ଖେଳ ପଡିଆରେ ପ୍ରଥମାଷ୍ଟମୀ ମେଳଣ ଅନୁଷ୍ଠିତ ହୋଇଯାଇଛି। ପ୍ରଥମାଷ୍ଟମୀଠାରୁ ଆଖପାଖ ଗ୍ରାମର ୨୦ଟି ମଣ୍ଡପରେ ପୂଜା ପାଉଥିବା ଦେବଦେବୀ ଗୁରୁବାର ମେଳଣ ପଡିଆ ଅଭିମୁଖେ ଯାତ୍ରା କରିଥିଲେ। ଶୁକ୍ରବାର ମେଳଣ ହୋଇଥିଲା। ମଧ୍ୟାହ୍ନ ୧୨ଟା ପରେ ଯାତ୍ରା କମିଟିଠାରୁ ଛନ୍ଦା ଗ୍ରହଣ କରି ଭସାଣି ଅଭିମୁଖେ ମେଢ଼ଗୁଡିକ ବାହାରିଥିଲା। ୨ବର୍ଷ ପରେ ମେଳଣ ହେଉଥିବାରୁ ଯାତ୍ରା ପଡିଆରେ ପ୍ରବଳ ଜନଗହଳି ହୋଇଥିଲା। ଲୋକମାନେ ଚଟ୍‌ପଟି ଖାଦ୍ୟ ଖାଇବା ସହ ଘରକରଣା ସାମଗ୍ରୀ କିଣିଥିଲେ। ଭସାଣିରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଥାନାଧିକାରୀ ବିରଞ୍ଚି ନାରାୟଣ ପତିଙ୍କ ନେତୃତ୍ୱରେ ୯ଜଣ ଏସ୍‌ଆଇ, ୪୦ଜଣ ଏଏସ୍‌ଆଇଙ୍କ ସମେତ ୧୨ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ। ଯାତ୍ରା କମିଟି ସମ୍ପାଦକ ଭୀମସେନ ତ୍ରିପାଠୀ, ସ୍ଥାନୀୟ ସରପଞ୍ଚ ପବିତ୍ର ମୋହନ ଉପାଧ୍ୟାୟଙ୍କ ସମେତ କର୍ମକର୍ତ୍ତାମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତୃତୀୟ ପର୍ଯ୍ୟାୟରେ ୨୦ ସ୍କୁଲ ସାମିଲ

**ବିଦ୍ୟାଳୟ ରୂପାନ୍ତରଣ କାର୍ଯ୍ୟ ସମୀକ୍ଷା କଲେ ୫-ଟି ସଚିବ**

**କଟକ ଅଫିସ,୧୮।୧୧**



ସଦର ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ପୋରେଟର, ଶିକ୍ଷୟିତ୍ରୀ ଓ ଛାତ୍ରୀଛାତ୍ର।

ତୃତୀୟ ପର୍ଯ୍ୟାୟରେ ଆରମ୍ଭ ହୋଇଥିବା ୨୦ଟି ହାଇସ୍କୁଲର ରୂପାନ୍ତରଣ କାର୍ଯ୍ୟକୁ ଶୁକ୍ରବାର ଭିଡିଓ କନଫରେନ୍ସିଂ ଜରିଆରେ ୫-ଟି ସଚିବ ଭି. କେ. ପାଣ୍ଡିଆନ ସମୀକ୍ଷା କରିଛନ୍ତି। କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସେ ଅନୁଧ୍ୟାନ କରିବା ସହ ସୁବିଧା ଅସୁବିଧା ବିଷୟରେ ସମ୍ପୃକ୍ତ ସ୍କୁଲର ପ୍ରଧାନଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ, ସ୍ଥାନୀୟ କର୍ପୋରେଟର, ପରିଚାଳନା କମିଟି ସଦସ୍ୟ ଓ ପୁରୁଣା ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଛୋଟ ସମସ୍ୟାଗୁଡିକ ତୁରନ୍ତ ସମାଧାନ କରି ଧାର୍ଯ୍ୟ ସମୟରେ କାର୍ଯ୍ୟ ଶେଷ କରିବାକୁ ସେ ପରାମର୍ଶ ଦେଇଥିଲେ। ଏହି ଅବସରରେ ପାଣ୍ଡିଆନ ୫ ଜଣ ପିଲାଙ୍କ ସହ କଥା ହୋଇ ସେମାନଙ୍କ ଭବିଷ୍ୟତ ସମ୍ପର୍କରେ ପଚାରି ବୁଝିଥିଲେ। ସଦର ବ୍ଲକ କାର୍ଯ୍ୟାଳୟରେ ୧୩ଟି ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ କର୍ପୋରେଟର ଉପସ୍ଥିତ ରହି ଭିଡିଓ କନଫରେନ୍ସିଂ ଆଲୋଚନାରେ ଭାଗ ନେଇଥିଲେ। ସେହିପରି ବିଜୁ ଭବନରେ ୭ଟି ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ ଓ କର୍ପୋରେଟରଙ୍କ ସହ ଆଲୋଚନା କରିଥିଲେ। ସିଏମ୍‌ସି କମିଶନର ନିଖିଲ ପୱନ କଲ୍ୟାଣ, ଡେପୁଟି କମିଶନର ସଞ୍ଜୀବିତା ରାୟ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସୂଚନାଯୋଗ୍ୟ, ଅକ୍ଟୋବରରେ କଟକ ସହରରେ ୫-ଟି ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣର ଯୋଜନାରେ ୨୦ଟି ସ୍କୁଲର ରୂପରେଖ ପରିବର୍ତ୍ତନ କାର୍ଯ୍ୟ ହାତକୁ ନିଆଯାଇଥିଲା। ସ୍କୁଲଗୁଡିକରେ ସ୍ମାର୍ଟ କ୍ଲାସ୍‌ରୁମ୍, ଆଇସିଟି ଲାବ୍, ଇ-ଲାଇବ୍ରେରି, ବିଜ୍ଞାନାଗାର, ବିଦ୍ୟାଳୟ ପରିବେଶ ସହ କ୍ରୀଡା, ଜଳ ଓ ପରିମଳ ସୁବିଧା ଆଦି ଉପଲବ୍ଧ ହେବ। ପୂର୍ବରୁ ୨ଟି ପର୍ଯ୍ୟାୟରେ ସହରର ମୋଟ୍ ୨୨ଟି ସ୍କୁଲର ରୂପାନ୍ତରଣ କରାଯାଇଥିଲା। ତୃତୀୟ ପର୍ଯ୍ୟାୟରେ ଆଉ ୨୦ଟି ସ୍କୁଲର ରୂପାନ୍ତରଣ କାର୍ଯ୍ୟ ହାତକୁ ନିଆଯାଇଛି।

# ସଫେଇ କର୍ମଚାରୀଙ୍କ ପାଦ ଧୋଇଲେ କର୍ପୋରେଟର

**କଟକ ଅଫିସ,୧୮।୧୧**



କଟକ ମହାନଗର ନିଗମ(ସିଏମ୍‌ସି) ୪୧ ନଂ. ୱାର୍ଡର କର୍ପୋରେଟର ସ୍ୱର୍ଣ୍ଣପ୍ରଭା ପଶାୟତଙ୍କ ବାସଭବନରେ ଶୁକ୍ରବାର ନିଆରା ଢଙ୍ଗରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ପଶାୟତ ୱାର୍ଡର ସଫେଇ କର୍ମଚାରୀଙ୍କ ପାଦ ଧୋଇ ନୂଆ ଚପଲ ପିନ୍ଧାଇ ଦେଇଥିଲେ। ଏ ସମ୍ପର୍କରେ ସେ କହିଛନ୍ତି, ସଫେଇ କର୍ମଚାରୀମାନେ ବି ସମ୍ମାନ ପାଇବାର ଅଧିକାରୀ। ପ୍ରତିଦିନ ସ ହ ର ବ । ସ 1 ଙ୍କ ସେବାରେ ନିୟୋଜିତ ସଫେଇ କର୍ମଚାରୀଙ୍କ ସେବା କରିବାର ସୁଯୋଗ ଗୋଟିଏ ଦିନ ପାଇଲି। ତାଙ୍କ ସହ ଭୋଜନ କରି ବହୁତ ଖୁସି ବୋଲି ବୋଲି ସେ କହିଛନ୍ତି।

# ‘ସାହିତ୍ୟର ଐତିହ୍ୟକୁ ନେଇ ଗର୍ବ କରିବା ଉଚିତ’

**କଟକ ଅଫିସ, ୧୮।୧୧**




ଶତାବ୍ଦୀ ବିହାରସ୍ଥିତ ଏକ ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜ ପକ୍ଷରୁ କଟକ ଶତାବ୍ଦୀ ବିହାରସ୍ଥିତ ନଳିନୀ ମଣ୍ଡପଠାରେ ସାରସ୍ୱତ ଆସର ଓ କବିତା ପାଠୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ଆଇନଜୀବୀ ସୁରେନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶିଶୁ ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି ଯୋଗଦେଇ କହିଥିଲେ, ଅଧିକରୁ ଅଧିକ ପାଠକ ସୃଷ୍ଟି କରିବା ପାଇଁ ସଚେତନତାର ଆବଶ୍ୟକତା ରହିଛି। ଆମ ସାହିତ୍ୟର ଐତିହ୍ୟ ଓ ଗୌରବକୁ ନେଇ ଆମେ ସମସ୍ତେ ଗର୍ବ କରିବା ଉଚିତ୍ ବୋଲି ସେ କହିଥିଲେ। ସେହିପରି ମୁଖ୍ୟବକ୍ତା ଶିକ୍ଷାବିତ୍ ଡ. ସୁରେଖା ସୁନ୍ଦରୀ ସ୍ୱାଇଁ କହିଥିଲେ, ସାମ୍ପ୍ରତିକ ସମାଜର ସମସ୍ୟାକୁ ନେଇ ଲେଖକମାନେ ଲେଖନୀ ଚାଳନା କଲେ, ପାଠକୀୟ ରୁଚି ଲାଭ କରିପାରିବ। ଫଳରେ ସମାଜକୁ ଦିଗ୍‌ଦର୍ଶନ ଦେବ।

**ବାଇମୁଣ୍ଡି ସାହିତ୍ୟ ସଂସ୍କୃତି ସୁରକ୍ଷା ସମାଜର ସାରସ୍ୱତ ଆସର**

ସମ୍ମାନିତ ଅତିଥି ନାଟ୍ୟକାର ସଞ୍ଜିତ୍ କୁମାର ପଟ୍ଟନାୟକ କହିଥିଲେ, ସମାଜକୁ ସୁଧାରିବାରେ ଲେଖକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଥିରେ ବରେଣ୍ୟ ଅତିଥି ଭାବେ ସାହିତ୍ୟିକ କାଞ୍ଚି ନାରାୟଣ ମହାନ୍ତି, କବି କିଶୋର କୁମାର ସାହୁ ଓ ଲଲାଟେନ୍ଦୁ ବଡୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦୀନବନ୍ଧୁ ସାହୁ ସମ୍ପାଦକୀୟ ବିବରଣୀ, ଆଇନଜୀବୀ ରାଜୀବ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଓ ନିବାସ ଚନ୍ଦ୍ର ମିଶ୍ର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସାହିତ୍ୟ-ସଂସ୍କୃତି ପାଇଁ ଶୁଭେନ୍ଦୁ ମେହେର, ଡ. କବିତା ନନ୍ଦ, ଗୀତାରାଣୀ ପୁରୀ, ଡ. ବସନ୍ତ କୁମାରୀ ନନ୍ଦ, ଅରୁଣ କୁମାର ଅଗ୍ରୱାଲା, ଆବାକାନ୍ତ ମହାନ୍ତି, ଆଇନଜୀବୀ କନକଲତା ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାଡ଼ ମାରି ସ୍ୱାମୀ ଗିରଫ

**ପୁରୀ ଅଫିସ, ୧୮।୧୧:** ସ୍ତ୍ରୀଙ୍କୁ ନିର୍ଯାତନା ଦେବା ସହ ମାଡ଼ ମାରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ପୀଡ଼ିତାଙ୍କ ସ୍ୱାମୀଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ଜନମଙ୍ଗଳ ସମିତି ଲେନରେ ରହୁଥିବା ପଶ୍ଚିମବଙ୍ଗ ପୂର୍ବ ମେଦିନୀପୁର ଅଧୀନ ନରସିଂହପୁର ଗ୍ରାମର ରବିନ ସିଂ (୪୦)। ପୋଲିସ ଏ ନେଇ ଏକ କେସ୍ (ନଂ. ୧୫୪/୨୨) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନ ପ୍ରାୟ ୫ଟାରେ ପୀଡ଼ିତା ଯଶୋଦା ସିଂ ଥାନାରେ ଲିଖିତ ଅଭିଯୋଗ କରିଥିଲେ ଯେ, ତାଙ୍କର ୧୭ବର୍ଷ ହେବ ରବିନଙ୍କ ସହିତ ବାହାଘର ହୋଇଥିବାବେଳେ ୨ଟି ସନ୍ତାନ ଅଛନ୍ତି। ତେବେ ତାଙ୍କ ସ୍ୱାମୀ ଅଧିକାଂଶ ସମୟରେ ମଦ୍ୟପାନ କରି ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ମାଡ଼ ମାରୁଛନ୍ତି। ବୁଧବାର ତାଙ୍କ ସ୍ୱାମୀ ମଦ୍ୟପାନ କରି ଘରକୁ ଆସିବା ସହ ତାଙ୍କୁ ଟଙ୍କା ମାଗିଥିଲେ। ମାତ୍ର ସେ ଟଙ୍କା ଦେବାକୁ ମନା କରିବାରୁ ତାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଥାନାରେ ଏନେଇ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ କରି ଅଭିଯୁକ୍ତ ରବିନଙ୍କୁ ଗିରଫ କରିଥିଲା।

### ଛିନ୍‌ତାଇ ଅଭିଯୋଗରେ ଯୁବକ ଗିରଫ

**ପୁରୀ ଅଫିସ,୧୮।୧୧:** ସୁନାଚେନ୍ ଛିନ୍‌ତାଇ ଅଭିଯୋଗରେ ସମୁଦ୍ରକୂଳ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ଝାଡ଼ଖଣ୍ଡର ଇଗ୍ନେଶ ଲୋମ୍‌ଗା (୨୪)। ତାଙ୍କଠାରୁ ସୁନାଚେନ୍ (ମଙ୍ଗଳସୂତ୍ର) ଜବତ କରାଯାଇଛି। ଏ ନେଇ ପୋଲିସ ଏକ କେସ୍ (ନଂ.୨୬୪/୨୨) ରୁଜୁ କରିଛି।

### ଜାନୁୟାରୀ ୮ରେ ଅନୁକୂଳ ଚନ୍ଦ୍ରଙ୍କ ପୁରୀ ଆଗମନ ଶତବାର୍ଷିକୀ

**ପୁରୀ ଅଫିସ, ୧୮। ୧୧:** ଠାକୁର ଅନୁକୂଳ ଚନ୍ଦ୍ର ପୁରୀକୁ ୧୯୨୩ ମସିହା ଜାନୁଆରୀରେ ଆଗମନ କରିଥିଲେ। ଏହି ଆଗମନର ୧୦୧ ବର୍ଷ ପୂର୍ତ୍ତି ପାଳନ ନିମିତ୍ତ ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ପୁରୀ ସର୍କିଟ ହାଉସରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ ଅଧକ୍ଷତା କରିଥିଲେ। ଆସନ୍ତା ଜାନୁୟାରୀ ୮ତାରିଖରେ ଏହି ଆଗମନ ଦିବସ ପାଳନ କରିବାକୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ର ଉତ୍ସବ କମିଟି ପ୍ରଶାସନକୁ ଅନୁରୋଧ କରିଛି। ତେଣୁ ଏହାକୁ ଶୃଙ୍ଖଳାର ସହ ପରିଚାଳନା ପାଇଁ ବିଭିନ୍ନ ବିଭାଗ ସହଯୋଗ କରିବାକୁ ଅତିରିକ୍ତ ଜିଲାପାଳ ସାହୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମ ତାଳବଣିଆରେ ଆୟୋଜନ ହେବ। ଆଇନଶୃଙ୍ଖଳା, ପରିମଳ, ସ୍ୱାସ୍ଥ୍ୟ, ବିଦ୍ୟୁତ, ପାନୀୟ ଜଳ, ପାର୍କିଂ ଓ ଟ୍ରାଫିକ, ଅଗ୍ନି ନିର୍ବାପକ ବ୍ୟବସ୍ଥାକୁ ସୁପରିଚାଳନା କରିବାକୁ ସେ ପରାମର୍ଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ କରି ଆବଶ୍ୟକ ବ୍ୟବସ୍ଥା କରିବାକୁ ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ପ୍ରାରମ୍ଭରେ ଉତ୍ସବ କମିଟି ସମ୍ପାଦକ ଡମ୍ବରୁଧର ଦାସ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ବୈଠକରେ ଉପଜିଲାପାଳ ଭବତାରଣ ସାହୁ, ପୁରୀ ପୌରନିର୍ବାହୀ ଅଧିକାରୀ ସରୋଜ କୁମାର ସ୍ୱାଇଁ, ଡିଆଇବିର ଡିଏସ୍‌ପି ହେମନ୍ତ କୁମାର ପଣ୍ଡା, ଏଡିଏମ୍‌ଓ ଡାକ୍ତର ବି.ବି. ରଥ, ପୁରୀ ତହସିଲଦାର କ୍ଷୀରୋଦ କୁମାର ବେହେରା, ଡେପୁଟି କଲେକ୍ଟର ରାକେଶ ପଣ୍ଡା, ଆଇଆଇସି ଚିନ୍ମୟ ରାଉତ, ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଜିଲା ପର୍ଯ୍ୟଟନ ଅଧିକାରୀ ସରୋଜ କୁମାର ପ୍ରଧାନ, ଅନ୍ୟାନ୍ୟ ଅଧିକାରୀ ଓ ଉତ୍ସବ କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ।

# ‘ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି’

## ବ୍ୟାପକ ସଚେତନତା ଉପରେ ଗୁରୁତ୍ୱ

**ପୁରୀ ଅଫିସ, ୧୮।୧୧**



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ବାଲ୍ୟବିବାହ ଏକ ସାମାଜିକ ବ୍ୟାଧି। ଏହାକୁ ରୋକିବା ଆମ ସମସ୍ତଙ୍କର ସାମାଜିକ ଦାୟିତ୍ୱ ବୋଲି ଅତିରିକ୍ତ ଜିଲାପାଳ (ପ୍ରଶାସନ) ପ୍ରଦୀପ କୁମାର ସାହୁ କହିଛନ୍ତି। ଶନିବାର ପୁରୀ ଜିଲା ପ୍ରଶାସନ, ୟୁନିସେଫ୍, ଆକ୍ସନ ଏଡ୍, ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ଜିଲା ସମାଜ କଲ୍ୟାଣ ବିଭାଗ ମିଳିତ ଆନୁକୂଲ୍ୟରେ ବାଲ୍ୟବିବାହ ନିରୋଧ ସମ୍ପର୍କରେ ଏକ କର୍ମଶାଳା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସାହୁ ଯୋଗଦେଇ କହିଥିଲେ, ବିବାହ ଏକ ସାମାଜିକ ପବିତ୍ର କର୍ମ। ଏହାକୁ ସମ୍ପନ୍ନ କରିବା ପାଇଁ ସାମାଜିକ ଓ ଆଇନଗତ ବ୍ୟବସ୍ଥା ରହିଛି। ତେଣୁ ଆଇନ ଅନୁମୋଦିତ ବୟସ ଅନୁସାରେ ବିବାହ କାର୍ଯ୍ୟ ହେବା ବିଧେୟ। ଏହାର ଉଲ୍ଲଙ୍ଘନ ହେଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପ୍ରାବଧାନ ରହିଥିବାରୁ ଏ ନେଇ ବ୍ୟାପକ ସଚେତନତା ସୃଷ୍ଟି ଜରୁରୀ ବୋଲି ସେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ପ୍ରଫୁଲ୍ଲ ଚନ୍ଦ୍ର ବଡଜେନା ଯୋଗଦେଇ କହିଥିଲେ, ବାଲ୍ୟବିବାହ ଓ ଶିଶୁ ସୁରକ୍ଷା ରୋକିବା ପାଇଁ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ଏଥିପାଇଁ ଶିଶୁ ସୁରକ୍ଷା ଆଇନରେ ଏକାଧିକ ଥର ସଂଶୋଧନ ହୋଇଛି। ପୋଲିସ ଏଥିରେ ସମସ୍ତ ସହଯୋଗ ଯୋଗାଇ ଦେଉଛି। ଏହି କର୍ମଶାଳାରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଚିନ୍ମୟୀ ରଥ ସଭାପତିତ୍ୱ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ କମିଟି ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ସଦସ୍ୟ ରାମଶଙ୍କର ପାତ୍ର, ଚାଇଲ୍ଡ ଲାଇନ ନିର୍ଦ୍ଦେଶକ ଦେବାଶିଷ ରଥ, କଳିଙ୍ଗ ବୈଶ୍ୟ ସମାଜ ମହିଳା ମହାସଂଘ ସଭାପତି ଗାୟତ୍ରୀ ପାତ୍ର, ଲିଙ୍ଗରାଜ ମହାରଣା, ନିମାପଡ଼ା ଜାମା ମସ୍‌ଜିଦର ମୌଲବୀ ଅବଦୁଲ କାଦିର, ଯାଦବ ମହାସଂଘ ସଭାପତି ରମେଶ ଚନ୍ଦ୍ର ବେହେରା, ପିପିଲି ବାପ୍‌ଟିଷ୍ଟ ଚର୍ଚ୍ଚର ଫାଦର, ବହୁ ସିଡିଓ, ବିଭିନ୍ନ ଜାତି ସମ୍ପ୍ରଦାୟର ନେତୃମଣ୍ଡଳୀ, ଶିଶୁ ସୁରକ୍ଷା ୟୁନିଟର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ କର୍ମଶାଳା ପରିଚାଳନା କରିଥିଲେ। ଆକ୍ସନ ଏଡ୍‌ର ଜିଲା ସଂଯୋଜକ ସୁମିତା ଘୋଷ ଧନ୍ୟବାଦ ଦେଇଥିଲେ।

# ଶିକ୍ଷକ ବନମାଳୀ ବ୍ରହ୍ମଚାରୀଙ୍କ ଜୟନ୍ତୀ

**କଣାସ,୧୮।୧୧(ସ୍ୱ.ପ୍ର.)**

କଣାସ ବ୍ଲକ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ପଞ୍ଚାୟତ ସମିତି ନିକଟ ଶିକ୍ଷାଭବନରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁନୀଲ ନରେନ୍ଦ୍ରଙ୍କ ଅଧକ୍ଷତାରେ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୧୧୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶିକ୍ଷକ ଗୌରବଙ୍କ ତ୍ୟାଗପୂତ ଜୀବନ ଓ ସାଙ୍ଗଠନିକ ଦକ୍ଷତା ସମ୍ପର୍କରେ ଯୋଗଦେଇଥିବା ବକ୍ତାମାନେ ଆଲୋକପାତ କରିଥିଲେ। ଉକ୍ତ ସଭାରେ କଣାସ ବ୍ଲକ ସଂଘ ସମ୍ପାଦକ ପ୍ରଶାନ୍ତ ସୁନ୍ଦରାୟ, ପୂର୍ବତନ ସମ୍ପାଦକ ଦୈତାରୀ ବେହେରା, ଉପଦେଷ୍ଟା ସଦସ୍ୟ ଗୌବର୍ଦ୍ଧନ ବେହେରା, ବିଦ୍ୟାଧର ବିଶ୍ୱାଳ, ଚନ୍ଦ୍ରଶେଖର ଦାସ, ବିନୟ କୁମାର ଛୋଟରାୟ, ପ୍ରଧାନ ଶିକ୍ଷୟିତ୍ରୀ ସୌଦାମିନୀ ପ୍ରଧାନ ସମେତ ୫୦ରୁ ଊର୍ଦ୍ଧ୍ୱ ଶିକ୍ଷକ/ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିଲେ।

# ୨ ଦିନିଆ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

**ସାକ୍ଷୀଗୋପାଳ,୧୮।୧୧(ସ୍ୱ.ପ୍ର./ଡି.ଏନ.ଏ)**

ସାକ୍ଷୀଗୋପାଳର ବାସୁକେରାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଦୁଇ ଦିନ ବ୍ୟାପୀ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ଉତ୍ସବ ଓ ପରୀକ୍ଷାରେ କୃତିତ୍ୱ ପାଇଁ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କ୍ରୀଡ଼ାକୁ ସ୍ଥାନୀୟ ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟର ଖେଳ ପଡିଆରେ ଅନୁଷ୍ଠିତ ହୋଇଥିଲା। ଏହି କ୍ରୀଡା ଉତ୍ସବରେ ବିଦ୍ୟାଳୟର ୪୨୬ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ବିଦ୍ୟାଳୟର ପରିଚାଳନା ସମିତି ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା ଉଦ୍‌ଘାଟନ କରିଥିଲେ। ସଭାପତି ଜୟନ୍ତ କୁମାର ତ୍ରିପାଠୀ ଓ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ନବୀନ କୁମାର ସେନାପତି ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇ କ୍ରୀଡ଼ାର ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। କିଶୋର ବର୍ଗରେ ଦୁର୍ଗାପ୍ରସାଦ ଦାଶ, ସମ୍ବିତ କୁମାର ମିଶ୍ର, ଅକ୍ଷୟ ସେନାପତି, ବନିତା ଦାଶ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ଅନନ୍ୟା ପ୍ରିୟଦର୍ଶିନୀ, ବାଳବର୍ଗରୁ ଅଭିଜିତ ରାଉତ, ଅଷ୍ଟଶମ୍ଭୁ ମହାପାତ୍ର, ସୋମ୍ୟାଜିତ ବେହେରା, ଦିପ୍ତାଂଶୁ ରଞ୍ଜନ ସାହୁ, ଶୁଭଲକ୍ଷ୍ମୀ ନାୟକ, ଅନନ୍ୟା ଆଚାର୍ଯ୍ୟ ସେହିଭଳି ଶିଶୁବର୍ଗରୁ ଶୁଭଙ୍କର ଗୌଡ଼, ସ୍ମୃତିରଞ୍ଜନ ବେହେରା, ଦୁର୍ଗାପ୍ରସାଦ ଦାସ, ପ୍ରିୟଙ୍କା ମେକାପ, ଆଦ୍ୟାଶା ମହାନ୍ତି ଆଦି ଛାତ୍ରୀଛାତ୍ରଙ୍କୁ ଖେଳରେ କୃତିତ୍ୱ ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା। ଅପରପକ୍ଷେ ଶିକ୍ଷା ବର୍ଷ ୨୦୨୧-୨୨ ରେ ସରକାରୀ ସ୍ତରରେ ଶିକ୍ଷା କ୍ଷେତ୍ରରେ ତୃତୀୟ ଓ ପଞ୍ଚମ ଶ୍ରେଣୀରେ କୃତିତ୍ୱ ହାସଲ କରିଥିବା ସ୍ନେହଶ୍ରଦ୍ଧା ଦାସ, ଅମ୍ଳାନ ଆଦିତ୍ୟ ପ୍ରଧାନ, ରୋଜାଲିନୀ ସ୍ୱାଇଁ, ଶୁଭଶ୍ରୀ ପ୍ରିୟ ଦର୍ଶନୀ ଭୋଇ, ଶାଶ୍ୱତ କୁମାର ରଥ, ଅଂଶୁମାନ ମିଶ୍ର, ଆୟୁଷ୍ମାନ ଆଦି ମେଧାବୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ବିଦ୍ୟାଳୟ ଗୁରୁଜି ଦିବ୍ୟରଞ୍ଜନ ଦାଶ ବିବରଣୀ ପାଠ ସହ ଧନ୍ୟବାଦ ଦେଇଥିଲେ। ସମସ୍ତ ଗୁରୁଜି ଗୁରୁମା ପରିଚାଳନାରେ ସହଯୋଗ କରିଥିଲେ।


ଅତିଥି ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ୧୧ ଦଫା ଦାବିରେ ବିକ୍ଷୋଭ, ଶୋଭାଯାତ୍ରା



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଭିଟାମାଟି ସୁରକ୍ଷା ମଞ୍ଚ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପୁରୀ ଅଫିସ, ୧୮।୧୧**

## ଜିଲାପାଳଙ୍କୁ ଦାବିପତ୍ର ଦେଲା ଭିଟାମାଟି ସୁରକ୍ଷା ମଞ୍ଚ କ୍ରିୟାନୁଷ୍ଠାନ କମିଟି

ପୁରୀ ସହରର ଡାକ୍ତରଖାନା ଛକଠାରୁ ବାଟଗାଁ ଛକ ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ ପ୍ରସଙ୍ଗକୁ ନେଇ ଶୁକ୍ରବାର ଭିଟାମାଟି ସୁରକ୍ଷା ମଞ୍ଚ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କୁ ୧୧ଦଫା ସମ୍ବଳିତ ଦାବିପତ୍ର ଦିଆଯାଇଛି। ବାଟଗାଁର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ଅଧିବାସୀ ବାଟମଙ୍ଗଳା ପୀଠ ନିକଟରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ କରିବା ପରେ ଦାବିପତ୍ର ଦେଇଥିଲେ। ରାସ୍ତା ପ୍ରଶସ୍ତୀକରଣ ପାଇଁ ଯେତେସବୁ ମୌଜାର ଲୋକ ବିସ୍ଥାପିତ ହେଉଛନ୍ତି ସେମାନଙ୍କୁ ସର୍ବୋଚ୍ଚ ଜମି ଦର ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯାଉ। ସମ୍ପୂର୍ଣ୍ଣ ବିସ୍ଥାପିତ ବା ୫୦% ରୁ ଅଧିକ ବସ୍ଥାପିତ ପରିବାରକୁ ଶ୍ରୀଜଗନ୍ନାଥ ମନ୍ଦିର ପାଖରେ ପ୍ୟାକେଜ୍ ଦିଆଯାଉ। ଆଂଶିକ ବିସ୍ଥାପିତ ପରିବାରଙ୍କୁ ଫ୍ୟାମିଲି ପ୍ୟାକେଜ୍ ମୁଣ୍ଡପିଛା, ଯାହା ଶ୍ରୀମନ୍ଦିର ପାଖରେ ଦିଆଯାଇଛି ତାହାର ଅଧା ଦେବା, ବ୍ୟବସାୟିକ ଅନୁଷ୍ଠାନ ହରାଉଥିବା ମାଲିକମାନଙ୍କୁ ସ୍ୱତନ୍ତ୍ର ପ୍ୟାକେଜ, ଦୋକାନ ବିସ୍ଥାପିତଙ୍କୁ ୨ଲକ୍ଷ ଟଙ୍କା, କୋଠଘର, କ୍ଲବ, ମନ୍ଦିର, ମହଜିଦ୍, ଗୀର୍ଜା, ସ୍କୁଲ, ଅଙ୍ଗନୱାଡି କେନ୍ଦ୍ର, ଲାଇବ୍ରେରୀ ପ୍ରଭୃତି ଅନୁଷ୍ଠାନର ପୁନଃଥଇଥାନ, ଗ୍ରାମ୍ୟ କମିଟି ଓ ଆବଶ୍ୟକ ସ୍ଥଳେ ବ୍ୟକ୍ତି ବିଶେଷଙ୍କୁ ନିର୍ମାଣ କାର୍ଯ୍ୟ ଦେବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ସରକାରଙ୍କୁ ଅସହଯୋଗ କରାଯିବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଏହି ଆନ୍ଦୋଳନରେ ମଞ୍ଚର ସଭାପତି ଘନଶ୍ୟାମ ସାହୁ, କାର୍ଯ୍ୟକାରୀ ସଭାପତି ରତ୍ନାକର ମୁଦୁଲି, ସମ୍ପାଦକ ସଞ୍ଜୟ କୁମାର ପ୍ରଧାନ, ସହସମ୍ପାଦକ ସୁକାନ୍ତ କୁମାର ସାହୁ, କାଶୀହାରୀପୁର ସରପଞ୍ଚ ମୁକ୍ତିକାନ୍ତ ପଣ୍ଡା ଏବଂ ସମିତି ସଭ୍ୟ ପ୍ରଦୀପ୍ତଭାନୁ ଘଟୁଆରୀଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ।

# ସଡ଼କ ଦୁର୍ଘଟଣାରେ ବୃଦ୍ଧ ଗୁରୁତର

**ସାକ୍ଷୀଗୋପାଳ,୧୮।୧୧(ସ୍ୱ.ପ୍ର./ଡି.ଏନ୍.ଏ.)**

ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥର ସତ୍ୟବାଦୀ ଥାନା ଅନ୍ତର୍ଗତ ପଚ୍ଛନାଇକିଆ ଛକ ନିକଟରେ ଶୁକ୍ରବାର ସନ୍ଧ୍ୟା ସମୟରେ ଏକ ସଡ଼କ ଦୁର୍ଘଟଣା ହୋଇଛି। ଏଥିରେ ସ୍ଥାନୀୟ ସଦାନନ୍ଦପୁର ଗ୍ରାମର ଏକନ ମହାପାତ୍ର( ୬୫) ଗୁରୁତର ଆହତ ହୋଇଛନ୍ତି। ସେ ନିଜ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ହେଲେ ପଚ୍ଛନାଇକିଆ ଛକ ନିକଟରେ ହଠାତ୍ ୨ଟି ମୋଟର ସାଇକେଲ ଏକକାଳୀନ ଆସି ତାଙ୍କୁ ଧକ୍କା ଦେଇଥିଲେ। ଫଳରେ ଏକ ରାଜପଥ ଉପରକୁ ଛିଟିକି ପଡି ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଆହତ ବୃଦ୍ଧଙ୍କୁ ଜାତୀୟ ରାଜପଥ ପାଟ୍ରୋଲିଂ କରୁଥିବା ପିସିଆର ଭ୍ୟାନ ଉଦ୍ଧାର କରି ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ, ପୁରୀ ସ୍ଥାନାନ୍ତର କରାଯାଇଛି।

# ବନ୍ୟା କ୍ଷତିଗ୍ରସ୍ତ, ଅସହାୟ, ଦିବ୍ୟାଙ୍ଗଙ୍କୁ ସହାୟତା

**କଣାସ,୧୮।୧୧(ସ୍ୱ.ପ୍ର.)**

ସ୍ୱେଚ୍ଛାସେବୀ ପ୍ରତିଷ୍ଠାନ ଏକେଏସ୍‌ଏସ୍ ପକ୍ଷରୁ କଣାସ ବ୍ଲକର ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦୋକନ୍ଦା, ବଡାସ ଓ ଗଡସାନପୁଟ ପଞ୍ଚାୟତର ଦିବ୍ୟାଙ୍ଗ, ନିରାଶ୍ରୟ, ସ୍ୱାମୀ ପରିତ୍ୟକ୍ତା, ରୋଗାଗ୍ରାସ୍ତ ଓ ବୃଦ୍ଧାବୃଦ୍ଧଙ୍କୁ ବିପର୍ଯ୍ୟୟ ପରିଚାଳନା ଗ୍ରାମ୍ୟ କମିଟି ମାଧ୍ୟମରେ ଚିହ୍ନଟ କରାଯାଇ ସେମାନଙ୍କ ଖାଦ୍ୟପେୟକୁ ରିଲିଫ ଆକାରରେ ପ୍ରତି ଉପଭୋକ୍ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ୨୭୫୦ଟଙ୍କା ହିସାବରେ ପ୍ରଦାନ କରାଯାଇଛି। ଏକେଏସ୍‌ଏସ୍ ସଂସ୍ଥା ପକ୍ଷରୁ ରଜନିକାନ୍ତ ପାଢୀ, ସଂଯୁକ୍ତା ପ୍ରଧାନ, ଗୌରୀଦାସ, ସୁଜାତା ବାହୁବଳେନ୍ଦ୍ର, ପ୍ରେମାନନ୍ଦ ଜାଲି, କୃପାସିନ୍ଧୁ ପାଇକରାୟ, ପ୍ରଦୀପ ବେହେରା ପ୍ରମୁଖ ପରିଚାଳନା କରୁଛନ୍ତି। ଖୁବଶୀଘ୍ର ପୂର୍ଣ୍ଣ ଥଇଥାନ କାର୍ଯ୍ୟକ୍ରମ ଆରମ୍ଭ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ସୁବର୍ଣ୍ଣକେଶରୀ ବଳିୟାରସିଂହ କହିଛନ୍ତି।

# ୨୩ରେ ବଡ଼ଦାଣ୍ଡରେ ଜଳିବ ଲକ୍ଷେ ଦୀପ

**ପୁରୀ ଅଫିସ, ୧୮।୧୧**

ଚଳିତ ବର୍ଷ ମହାମାରୀମୁକ୍ତ ବିଶ୍ୱ ଏବଂ ଜଗତକଲ୍ୟାଣ ପାଇଁ ବଡ଼ଦାଣ୍ଡରେ ଦେବଦୀପାବଳୀ ପବିତ୍ର ସନ୍ଧ୍ୟାରେ ଦୀପାଞ୍ଜଳି କାର୍ଯ୍ୟକ୍ରମ ହେବ। ନଭେମ୍ବର ୨୩ତାରିଖ ବୁଧବାର ସନ୍ଧ୍ୟା ୫ଟାରୁ ରାତି୭ଟା ମଧ୍ୟରେ ଶ୍ରୀମନ୍ଦିର ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଦୀପ ଲଗାଯିବ। ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ଭୁବନେଶ୍ୱର, ଛତିଶା ନିଯୋଗ ଓ ପୁରୀର ସ୍ୱେଚ୍ଛାସେବୀ ସଙ୍ଗଠନ ତଥା ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ହେବ। ଏନେଇ ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟର ପକ୍ଷରୁ ଶୁକ୍ରବାର ଏଠାରେ ଏକ ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାର୍ଯ୍ୟକ୍ରମର ଉପାଧକ୍ଷ ରାଜକିଶୋର ପାତ୍ର ଏବଂ ଉପାଧକ୍ଷ ଶଙ୍କର ପରିଡ଼ା ସୂଚନା ଦେଇଛନ୍ତି।

ଛତିଶା ନିଯୋଗ ସେବାୟତମାନଙ୍କ ତତ୍ତ୍ୱାବଧାନରେ ଶ୍ରୀମନ୍ଦିରରୁ ଦୀପ ଆସି ଦୀପାଞ୍ଜଳି କାର୍ଯ୍ୟକ୍ରମ ଆୟୋଜନ ହେବ। ଏଥିପାଇଁ ୫୦ଟିଣ ଘିଅ ଓ ୧୦୦ ଟିଣ ତେଲ ବ୍ୟବହାର କରାଯିବ। ସେହିପରି ୨୩ ତାରିଖ ସକାଳେ ଗୁଣ୍ଡିଚା ମନ୍ଦିର ନିକଟ ରାଣୀସତୀ ମଣ୍ଡପରେ ଅଗ୍ନିହୋତ୍ର ଯଜ୍ଞ ହେବ। ଉକ୍ତ ଦିନ ରାଜ୍ୟର ସମସ୍ତ ଜଗନ୍ନାଥ ମନ୍ଦିରରେ ଦୀପଦାନ କରିବାକୁ କାର୍ଯ୍ୟକ୍ରମର ସାଙ୍ଗଠନିକ ସମ୍ପାଦକ ଶୁଭାଶିଷ ଖୁଣ୍ଟିଆ ଓ ବରିଷ୍ଠ ଉପଦେଷ୍ଟା ଗୌରହରି ପ୍ରଧାନ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ଏହି ଅବସରରେ ମାଟିଦୀପ ଉନ୍ମୋଚନ କରାଯାଇଥିଲା। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ସୁନାରାମ ସିଂହଙ୍କ ଦ୍ୱାରା ଏହି ଦୀପ ଡିଜାଇନ କରାଯାଇଛି। ଦୀପଦାନ କାର୍ଯ୍ୟକ୍ରମରେ ଭାଗିଦାରୀ ହେବାକୁ ଚାହୁଁଥିବା ଏବଂ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଇଚ୍ଛୁକ ବ୍ୟକ୍ତିବିଶେଷ ଅନୁଷ୍ଠାନର ବ୍ୟାଙ୍କ ଖାତା ଏସ୍‌ବିଆଇ ଆକାଉଣ୍ଟ ନମ୍ବର ୩୪୯୮୧୯୫୬୮୮୫, ଆଇଏଫସି କୋଡ୍ ଏସ୍‌ବିଆଇଏନ୍ ୦୦୦୭୮୯୧ରେ କିମ୍ବା ଫୋନ ନମ୍ବର ୯୪୩୭୩୧୮୨୯୯ ଜରିଆରେ ନିଜ ଆର୍ଥିକ ସହାୟତା ପଠାଇବାକୁ ଅନୁରୋଧ କରାଯାଇଛି। ଖବରଦାତା ସମ୍ମିଳନୀରେ ଜଗନ୍ନାଥ ସଂସ୍କୃତି ଗବେଷକ ହରିହର କାନୁନଗୋ, ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ହରେକୃଷ୍ଣ ଶତପଥୀ, ସାମାଜିକ କର୍ମୀ ସୂର୍ଯ୍ୟ ରଥ, ଓଡ଼ିଶା ଇଣ୍ଟରନ୍ୟାଶନାଲ ସେଣ୍ଟରର ପରିଚାଳନା ଟ୍ରଷ୍ଟି ତଥା ଦୀପଦାନ କମିଟିର ଆବାହକ ଭାବଗ୍ରାହୀ ଶାନ୍ତି ଏବଂ ସଭାପତି ରତିକାନ୍ତ ପାଢୀ ଉପସ୍ଥିତ ଥିଲେ।

# ଗୃହ ମନ୍ତ୍ରୀଙ୍କ ଦ୍ୱାରା ମଣ୍ଡପ ଉଦ୍‌ଘାଟିତ

**ଅସ୍ତରଙ୍ଗ,୧୮।୧୧(ଡି.ଏନ୍.ଏ.)**

କାକଟପୁରର ଚନ୍ଦନ ବଜାରରେ ଏକ ଅତ୍ୟାଧୁନିକ ବିବାହ ମଣ୍ଡପ ଖୁଣ୍ଟିଆ କନଭେନ୍ସନ ଆଣ୍ଡ ଲଜ୍ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ରାଜ୍ୟ କ୍ରୀଡ଼ା, ଯୁବବ୍ୟାପାର ଓ ଗୃହ ରାଷ୍ଟ୍ରମନ୍ତ୍ରୀ ତୁଷାରକାନ୍ତି ବେହେରା, ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ, ପୁରୀ ଜିଲା ପରିଷଦ ଉପାଧକ୍ଷ ସ୍ୱାଧୀନ କୁମାର ନାୟକ, ବ୍ଲକ ଅଧକ୍ଷ ଶ୍ରୀଧର ନାୟକ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଲଜର ପ୍ରତିଷ୍ଠାତା ଲକ୍ଷ୍ମୀଧର ଖୁଣ୍ଟିଆ, ସୌମ୍ୟକାନ୍ତ ଖୁଣ୍ଟିଆ ଓ ଶୁଭ୍ରକାନ୍ତ ଖୁଣ୍ଟିଆ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । କାକଟପୁର, ଅସ୍ତରଙ୍ଗ ଅଞ୍ଚଳରେ ବିବାହ, ବ୍ରତ, ବିଭିନ୍ନ ମାଙ୍ଗଳିକ କାର୍ଯ୍ୟକ୍ରମ, ରାଜନୈତିକ ସଭା ସମିତିକୁ ଏହି ମଣ୍ଡପ ପୂରଣ କରିପାରିବ ବୋଲି ଅତିଥିମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବ୍ୟକ୍ତି, ସ୍ଥାନୀୟ ବ୍ୟବସାୟୀମାନେ ଯୋଗଦେଇଥିଲେ।


ମନ୍ତ୍ରୀ ତୁଷାରକାନ୍ତି ବେହେରା ଓ ପୂର୍ବତନ ମନ୍ତ୍ରୀ ପ୍ରସାଦ ହରିଚନ୍ଦନ ମଣ୍ଡପ ଉଦ୍‌ଘାଟନ କରୁଛନ୍ତି।

# ବିଭିନ୍ନ ଦାବି ନେଇ ପଞ୍ଚାୟତ କାର୍ଯ୍ୟାଳୟ ଘେରାଉ

**ପିପିଲି,୧୮।୧୧(ସ୍ୱ.ପ୍ର.)**


ପଞ୍ଚାୟତ କାର୍ଯ୍ୟାଳୟ ଅଭିମୁଖେ ଭାଜପା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ପିପିଲି ବ୍ଲକର ଜୟନାରାୟଣପୁର ପଞ୍ଚାୟତରେ ଉନ୍ନୟନ କାର୍ଯ୍ୟରେ ଦୁର୍ନୀତି ହେବା ଏବଂ ବିଭିନ୍ନ ଦାବି ନେଇ ଭାଜପା ଅଭିଯୋଗ ଆଣିଛି। ଏନେଇ ଦଳ ପକ୍ଷରୁ ଶୁକ୍ରବାର ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅଫିସ ଘେରାଉ କରାଯାଇଛି। ପୁରୀ ଜିଲା ୨୨ ନମ୍ବର ଜୋନ୍ ମଣ୍ଡଳ ସଭାପତି ଶୁଭାଶିଷ ରଥଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ଭାଜପା କର୍ମୀମାନେ ପ୍ଲାକାର୍ଡ ଧରି ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ନାରାବାଜି କରି ଯାଇଥିଲେ। ଏଥିରେ ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକ ସାମିଲ ହୋଇ ଯଦି ପ୍ରଶାସନିକ ଅଧିକାରୀଙ୍କ ପକ୍ଷରୁ ଉକ୍ତ ସମ୍ବଳିତ ଦାବି ପୂରଣରେ ବିଳମ୍ବ ହୁଏ, ତେବେ ଆଗାମୀ ଦିନରେ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦେଇଥିଲେ। ଆନ୍ଦୋଳନରେ ଅଭୟ ପ୍ରସାଦ ମିଶ୍ର, ପ୍ରଦୀପ ବାରିକ, ଶ୍ୟାମ ସୁନ୍ଦର ସାହୁ, ରାମଚନ୍ଦ୍ର ବାରିକ, ସସ୍ମିତା ମହାରଣା, କୁନି ଦାସ, ପ୍ରଭାସିନୀ ସ୍ୱାଇଁ, ଜୟନ୍ତୀ ନାୟକ ପ୍ରମୁଖ ସାମିଲ ହୋଇଥିଲେ। ଖବରପାଇ ପିପିଲି ଏବିଡିଓ ଶୈଳବାଳା ତ୍ରିପାଠୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀ ସହ ଆଲୋଚନା କରିଥିଲେ। ଆନ୍ଦୋଳନକାରୀମାନେ ଜିଲାପାଳ, ଏସପି, ପିପିଲି ବିଧାୟକଙ୍କ ଉଦ୍ଦେଶ୍ୟରେ ଦାବିପତ୍ରକୁ ଏବିଡିଓ ତ୍ରିପାଠୀଙ୍କୁ ଦେଇଥିଲେ। ଉକ୍ତ ପଞ୍ଚାୟତର ସମସ୍ୟା ନେଇ ପିପିଲି ବିଡିଓଙ୍କ ସହ ଆଲୋଚନା କରି ଏହାର ସମାଧାନ କରାଯିବ ବୋଲି ଏବିଡିଓ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

# ଆନାଟୋମିକୁ ସରଳ, ବୋଧଗମ୍ୟ କରାଯିବା ଉଚିତ

**ପୁରୀ ଅଫିସ, ୧୮।୧୧**

## ଭାରତୀୟ ଆନାଟୋମିକାଲ୍ ସୋସାଇଟି ଓଡ଼ିଶା ଶାଖାର ୩୫ତମ ଅଧିବେଶନ ଅବସରରେ କର୍ମଶାଳା

ଭାରତୀୟ ଆନାଟୋମିକାଲ୍ ସୋସାଇଟି ଓଡ଼ିଶା ଶାଖାର ୩୫ତମ ଅଧିବେଶନ ଅବସରରେ ଦୁଇଦିନିଆ କର୍ମଶାଳା ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ଦିବସରେ ସ୍ୱାସ୍ଥ୍ୟଶଲ୍ୟ ଚିକିତ୍ସକ ପ୍ରଫେସର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଚିକିତ୍ସା ବିଜ୍ଞାନରେ ଛାତ୍ରୀଛାତ୍ରଙ୍କ ପାଇଁ ଶରୀର ସଂରଚନା, ଜୀବବିଜ୍ଞାନ ତତ୍ତ୍ୱ ଓ ଜୈବ ରସାୟନ ତତ୍ତ୍ୱର ଗୁରୁତ୍ୱ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସୋସାଇଟିର ଅଧକ୍ଷ ପ୍ରଫେସର ସତ୍ୟନାରାୟଣ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିପ୍‌ମର୍‌ର ଡାକ୍ତର ଯୋଗେଶ ସନ୍ତାକେ ବକ୍ତା ଭାବେ ଯୋଗଦେଇ ଆନାଟୋମି ଭଳି ଜଟିଳ ତତ୍ତ୍ୱକୁ ଛାତ୍ରୀଛାତ୍ରଙ୍କ ପାଇଁ ସରଳ ଓ ବୋଧଗମ୍ୟ କରାଯିବା ଦିଗରେ ଉଦ୍ୟମ କରାଯିବାକୁ ପରାମର୍ଶ ଦେଇଥିଲେ। ରାଜ୍ୟ ଅତିରିକ୍ତ ଭେଷଜ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ଉମାକାନ୍ତ ଶତପଥୀ ସମ୍ମାନିତ ଅତିଥି ଏବଂ ପ୍ରଫେସର ବ୍ରଜକିଶୋର ଦାଶ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିଭିନ୍ନ ଭେଷଜ ମହାବିଦ୍ୟାଳୟର ଆନାଟୋମି ବିଭାଗକୁ ସରକାର ଯୋଗାଇଦେଉଥିବା ସୁବିଧା ସୁଯୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ଅଧକ୍ଷା ପ୍ରଫେସର ମାୟା ପାଢ଼ୀ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଏବଂ ସୁପରିଣ୍ଟେଣ୍ଡେଣ୍ଟ୍ ପ୍ରଫେସର କୌଶିକ ମିଶ୍ର ଅତିଥି ପରିଚୟ ଦେଇଥିଲେ। ସୋସାଇଟି ସମ୍ପାଦକ ପ୍ରଫେସର ମଧୁସ୍ମିତା ପଣ୍ଡା, କୋଷାଧ୍ୟକ୍ଷ ଡା. ଜ୍ଞାନରାଜ ସିଂ, ପୂର୍ବତନ ସଭାପତି ପ୍ରଫେସର ବିଜୟ କୁମାର ଦତ୍ତ ପ୍ରମୁଖ ଯୋଗଦେଇ ସୋସାଇଟିର ଉନ୍ନତି ଓ ବିଜ୍ଞାନର ବିକାଶ ଉପରେ ବକ୍ତବ୍ୟ ରଖିଥିଲେ। ଶ୍ରୀଜଗନ୍ନାଥ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଆନାଟୋମି ବିଭାଗ ମୁଖ୍ୟ ପ୍ରଫେସର ଲଲାଟେନ୍ଦୁ ସାଇଁଙ୍କ ନେତୃତ୍ୱରେ ପ୍ରଫେସର ବିଚିତ୍ରାନନ୍ଦ ରାଉଳ, ଡା. ପାରୁଲ ମିଶ୍ର, କର୍ମଚାରୀ କଳ୍ପତରୁ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସହକାରୀ ପ୍ରାଧ୍ୟାପିକା ଡା. ଶିବାନୀ ଜେନା ଧନ୍ୟବାଦ ଦେଇଥିଲେ। ଏକ ସ୍ମରଣିକା ଅତିଥିମାନଙ୍କ ଦ୍ୱାରା ଲୋକାର୍ପିତ ହେବା ସହ ବରିଷ୍ଠ ଶରୀର ତତ୍ତ୍ୱବିତ୍ ଡା. ଚାରୁଲତା ଷଡ଼ଙ୍ଗୀ ଏବଂ ଡା. ରାଜଲକ୍ଷ୍ମୀ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଦୁଇ ଦିନରେ ୨୧ଟି ଗବେଷଣାତ୍ମକ ନିବନ୍ଧ ଉପସ୍ଥାପିତ ହୋଇଥିବା ବେଳେ ପ୍ରଫେସର ସତ୍ୟନାରାୟଣ ସାମଲ, ବିଜୟ କୁମାର ଦତ୍ତ, ଚିନ୍ମୟୀ ମହାପାତ୍ର, ମମତା ସଅର, ଶ୍ରୀକାନ୍ତ କୁମାର ମିଶ୍ର, ମଧୁସ୍ମିତା ପଣ୍ଡା, ଜମିସାଗର ପୃଷ୍ଟି, ବିଚିତ୍ରାନନ୍ଦ ରାଉଳ, ସୀତାଂଶୁ କୁମାର ପଣ୍ଡା, ରାଜଶ୍ରୀ ବିଶ୍ୱାଳ, ଡା. ରାଜଲକ୍ଷ୍ମୀ ପଣ୍ଡା, ସତ୍ୟଶ୍ରୀ ରାୟ, ମନୀଷା ଗାଏକ୍ୱାଡ୍ ଦାୟିତ୍ୱ ନିର୍ବାହ କରିଥିଲେ। ଅବସରପ୍ରାପ୍ତ ଶରୀର ବିଜ୍ଞାନୀ ପ୍ରଫେସର ଅଶୋକ କୁମାର ବୋଷ, କାଞ୍ଚନ ବୋଷ, ଅଶୋକ ନନ୍ଦ, ପି.କେ. ଚିହ୍ନରାଙ୍କ ସମେତ ବିଭିନ୍ନ ଭେଷଜ ମହାବିଦ୍ୟାଳୟର ପ୍ରଫେସର ଓ ସହଯୋଗୀମାନେ ଉପସ୍ଥିତ ଥିଲେ।